بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4 | ସଂଖ୍ୟା 10

ସାପ୍ତାହିକ ବଦର କାଦିଆନ

Weekly BADAR Qadian

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

07 ମାର୍ଚ୍ଚ 2019 07 ଅମାନ୍ 1398 ହି.ଶ 29 ଜମାଦିଲ୍ ସାନି 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

قُلۡ اَطِیۡعُوا اللّٰہَ وَالرَّسُوۡلَ ۚ فَاِنۡ تَوَلَّوۡا فَاِنَّ اللّٰہَ لَا یُحِبُّ الۡکٰفِرِیۡنَ ○

(آل عمران:33)

**ଅନୁବାଦ** - ତୁମ୍ଭେ କୁହ, ''ତୁମେମାନେ ଅଲ୍ଲାଃଙ୍କର ଏବଂ ତାହାଙ୍କ ରସୁଲଙ୍କର ଆଜ୍ଞା ପାଳନ କର;'' କିନ୍ତୁ ଯଦି ସେମାନେ ବିମୁଖ ହୁଅନ୍ତି ତେବେ (ମନେରଖ ଯେ) ଅଲ୍ଲାଃ ଅବିଶ୍ୱାସକାରୀ ମାନଙ୍କୁ କଦାପି ପ୍ରେମ କରନ୍ତି ନାହିଁ ।

(ଆଲେ ଇମ୍ରାନ୍:୩୩)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍ଲନା ଫି'ଉମ୍ରିହି ଓ୍ୱ ଅମ୍ରିହି ॥**

# ଯେଉଁ ବ୍ୟକ୍ତି ଖୁଦାଙ୍କୁ ପ୍ରେମ କରିଥାଏ କଣ ସେ ଗୋଟିଏ ଜଳୁଥିବା ଜୀବନ ମଧ୍ୟରେ ରହିପାରେ ?

ଏପରି ସ୍ଥଳେ ଯଦି ଜଣେ ହାକିମଙ୍କ ବନ୍ଧୁ ସାଂସାରିକ ସମ୍ପର୍କ ଯୋଗୁ ଏକପ୍ରକାରର ବୈକୁଣ୍ଠ ସଦୃଶ ଜୀବନ ଅତିବାହିତ କରିଥାଏ ତେବେ ଯେଉଁମାନେ ହେଉଛନ୍ତି ଅଲ୍ଲାଃଙ୍କ (ପ୍ରକୃତ) ବନ୍ଧୁ ସେମାନଙ୍କ ପାଇଁ କାହିଁକି ବୈକୁଣ୍ଠର ମାର୍ଗକୁ ଖୋଲିଦିଆ ନଯିବ ।

### ମୁତ୍ତକି (ଅର୍ଥାତ୍ ଧର୍ମନିଷ୍ଠ ବ୍ୟକ୍ତି)ଙ୍କ ନିକଟକୁ ଯିଏ ଆସିଥାନ୍ତି ସେମାନଙ୍କୁ ମଧ୍ୟ ବଂଚାଇ ଦିଆଯାଏ ।

ଲୋକମାନେ ବହୁତ ଦୁଃଖରେ କାଳାତିପାତ କରିଥାନ୍ତି କିନ୍ତୁ ମୁତ୍ତକିଙ୍କୁ ବଂଚାଇ ଦିଆଯାଏ ବରଂ ସେମାନଙ୍କ ନିକଟକୁ ଯିଏ ଆସିଥାନ୍ତି ତାଙ୍କୁ ମଧ୍ୟ ବଂଚାଇ ଦିଆଯାଏ । ଦୁଃଖ କଷ୍ଟର କୌଣସି ସୀମା ନାହିଁ । ମନୁଷ୍ୟ ନିଜେ ଏତେ ମାତ୍ରାରେ ବିପଦ ଆପଦ ଭିତରେ ଘେରି ରହିଛି ଯେ ତାର କିଛି କଳନା ନାହିଁ । ରୋଗଗୁଡିକୁ (ଯଦି) ଦେଖାଯାଏ ସେ ସବୁ ହଜାର ହଜାର ଦୁଃଖକୁ ସୃଷ୍ଟି କରିଦେବା ପାଇଁ ଯଥେଷ୍ଟ କିନ୍ତୁ ଯିଏ ତକ୍ଓ୍ୱାର ଦୁର୍ଗ ମଧ୍ୟରେ ଅଛି ସେ ସେଥିରୁ ସୁରକ୍ଷିତ ରହିଛି ଏବଂ ଯିଏ ତା ଭିତରୁ ବାହାରି ପଡିଲା ସେ ଏପରି ଗୋଟିଏ ଜଙ୍ଗଲରେ ଘୁରି ବୁଲୁଛି ଯାହା ହିଂସ୍ର ଜନ୍ତୁରେ ପରିପୁର୍ଣ୍ଣ ରହିଛି ।

### ମୁତ୍ତକିଙ୍କୁ ଏହି ସଂସାରରେ ହିଁ ସୁସମାଚ୍ଚର ମିଳିଥାଏ

ମୁତ୍ତକିଙ୍କ ପାଇଁ ଆଉଗୋଟିଏ ପ୍ରତିଶୃତ ମଧ୍ୟ ରହିଛି । *ଲହୁମୁଲ୍ ବୁଶ୍ରା ଫିଲ୍ ହୟାତିଦ୍ ଦୁନ୍ୟା ଓ୍ୱଫିଲ୍ ଆଖିରତି* (ୟୁନୁସ୍:୬୫) ଅର୍ଥାତ୍ ମୁତ୍ତକି ମାନଙ୍କୁ ଏ ସଂସାରରେ ହିଁ ସଚ୍ଚା ସ୍ୱପ୍ନ ମାଧ୍ୟମରେ ସୁସମାଚ୍ଚର ମିଳିଥାଏ ବରଂ ତାଠାରୁ ବଳି ସେମାନେ ସାହିବେ ମୁକାଶିଫାତ୍ (ଅର୍ଥାତ୍ ଜାଗ୍ରତ ଅବସ୍ଥାରେ ଆଧାତ୍ମିକ ଓ ଅଲୌକିକ ଘଟଣାକୁ ଦେଖିପାରୁଥିବା ବ୍ୟକ୍ତି) ହୋଇଯାଆନ୍ତି । ଅଲ୍ଲାଃଙ୍କ ସହିତ ବାର୍ତାଳାପ କରିବାର ସୌଭାଗ୍ୟ ପ୍ରାପ୍ତ କରିଥାନ୍ତି । ସେ ମାନବ ବସ୍ତ୍ରରେ (ଅର୍ଥାତ୍ ମଣିଷ ରୂପରେ) ଫରିସ୍ତାମାନଙ୍କୁ ଦେଖିଥାନ୍ତି ଯେପରି (ଅଲ୍ଲାଃତାଲା) କହୁଛନ୍ତି *ଇନ୍ନଲ୍ଲଜିନା କାଲୁ ରବ୍ବୁନଲ୍ଲାହୁ ସୁମ୍ମସ୍ତକାମୁ ତତନଜ୍ଜଲୁ ଆଲୈହିମୁଲ୍ ମଲାଇକତୁ (ହା ମିମ୍ ସଜଦାଃ:୩୧)* ଅର୍ଥାତ୍ ଯେଉଁମାନେ ଏକଥା କହିଥାନ୍ତି କି ଆମ ପାଳନକର୍ତା ହେଉଛନ୍ତି ଅଲ୍ଲାଃ ଏବଂ ସେଥିରେ ଦୃଢ଼ତାର ସହିତ ରହିଥାନ୍ତି ଅର୍ଥାତ୍ (ଏପରି) ପରୀକ୍ଷା ସମୟରେ ସେ ବ୍ୟକ୍ତି ଏହା ଦେଖାଇ ଦେଇଥାଏ ଯେ ଯାହା ମୁଁ ମୋ ମୁହଁରେ ପ୍ରତିଶୃତି ଦେଇଥିଲି ତାହା କାର୍ଯ୍ୟରେ ପୂରଣ କରୁଅଛି ।

### ପରୀକ୍ଷା ହେବା ଜରୁରୀ

ପରୀକ୍ଷା ହେବା ଜରୁରୀ ଅଟେ । ଯେପରିକି ଏହି ଆୟତଟି ଇସାର କରୁଛି- *ଅ ହସିବନ୍ନାସୁ ଅଇଁ ୟତ୍ରକୁ ଅଇଁ ୟକୁଲୁ ଆମନ୍ନା ଓ୍ୱହୁମ୍ ଲା ୟୁଫ୍ତନୁନ୍ (ଅନ୍‌କବୁତ୍:୩)* ଅଲ୍ଲାଃତାଲା କହୁଛନ୍ତି କି ଯେଉଁମାନେ ଏକଥା କହୁଛନ୍ତି କି ଆମ ପାଳନକର୍ତା ହେଉଛନ୍ତି ଅଲ୍ଲାଃ ଏବଂ ସେଥିରେ ଦୃଢ଼ତାର ସହିତ ରହୁଛନ୍ତି ସେମାନଙ୍କ ଉପରେ ଫରିସ୍ତା ଅବତୀର୍ଣ୍ଣ ହୋଇଥାନ୍ତି । ବ୍ୟାଖାକାରୀମାନଙ୍କର ଏହା ଭୁଲ୍ (କଥା କି) ଫରିସ୍ତାମାନଙ୍କ ଅବତରଣ ଶେଷ ନିଃଶ୍ୱାସ ତ୍ୟାଗ କରିବା ସମୟରେ ହୋଇଥାଏ । ଏହ ଭୁଲ୍ ଅଟେ । ତା'ର ଅର୍ଥ ହେଉଛି ଏହା କି ଯେଉଁ ଲୋକମାନେ ହୃଦୟକୁ ସଫା ରଖିଥାନ୍ତି ଏବଂ ଅଲ୍ଲାଃତାଲାଙ୍କ ଠାରୁ ଦୂରେଇ ଦେଉଥିବା ଅସନା ଓ ଅପବିତ୍ର ବସ୍ତୁଠାରୁ ସେମାନେ ନିଜକୁ ଦୂରେଇ ରଖିଥାନ୍ତି ସେମାନଙ୍କ ମଧ୍ୟରେ ଇଲ୍‌ହାମ୍ (ସ୍ୱର୍ଗବାଣୀ)ର ଧାରା ଜାରି ରହିବା ପାଇଁ ଏକ ଉଚିତ୍ ଅବସ୍ଥା ସୃଷ୍ଟି ହୋଇଯାଏ ଅର୍ଥାତ୍ ଏଲ୍‌ହାମ୍ ହେବା ଆରମ୍ଭ ହୋଇଯାଏ । ପୁଣି ମୁତ୍ତକି ମାନଙ୍କ ମହତ ପଦମର୍ଯ୍ୟାଦା ସମ୍ବନ୍ଧରେ ଏକ ସ୍ଥାନରେ (ଅଲ୍ଲାଃତାଲା) କହୁଛନ୍ତି:- *ଅଲା ଇନ୍ନା ଅଉଲିଆ ଅଲ୍ଲାହି ଲା ଖଉଫୁନ୍ ଆଲୈହିମ୍ ଓ୍ୱଲାହୁମ୍ ୟହ୍‌ଜନୁନ୍ (ୟୁନୁସ୍:୬୩)* ଅର୍ଥାତ୍ ଯେଉଁମାନେ ଅଲ୍ଲାଃଙ୍କ ବନ୍ଧୁ ଅଟନ୍ତି ସେମାନଙ୍କୁ କୌଣସି ପ୍ରକାରର ଦୁଃଖ ନାହିଁ । ଖୁଦା ଯାହାଙ୍କ ତତ୍ୱାବଧାରକ ତାଙ୍କୁ କୌଣସି ଦୁଃଖ ନାହିଁ । ଯଦି ଖୁଦା (ତା'ର) ବନ୍ଧୁ ହୋଇଯାଆନ୍ତି ତେବେ ତା ସହିତ ମୁକାବିଲା କରୁଥିବା ବ୍ୟକ୍ତି ତାକୁ କ୍ଷତି ପହଂଚାଇପାରିବ ନାହିଁ । ପୁଣି କହୁଛନ୍ତି *ଓ୍ୱ ଅବ୍‌ଶିରୁ ବିଲ୍ ଜନ୍ନତିଲ୍ ଲତି କୁନ୍‌ତୁମ୍ ତୁଅଦୁନ୍* (ହା ମିମ୍ ସଜ୍‌ଦାଃ:୩୧) ଅର୍ଥାତ୍ ତୁମେ ସେହି ବୈକୁଣ୍ଠ ନିମନ୍ତେ ଖୁସି ହୋଇଯାଓ ଯାହାର ପ୍ରତିଶୃତି ତୁମକୁ ମିଳିଛି ।

ପବିତ୍ର କୋରାନ୍‌ର ଶିକ୍ଷାରୁ ଏକଥା ମିଳୁଅଛି କି ମନୁଷ୍ୟ ନିମନ୍ତେ ଦୁଇଗୋଟି ବୈକୁଣ୍ଠ ରହିଛି । ଯେଉଁ ବ୍ୟକ୍ତି ଖୁଦାଙ୍କୁ ପ୍ରେମ କରିଥାଏ କଣ ସେ ଏକ ଜଳୁଥିବା ଜୀବନରେ ରହିପାରିବ ? ଏପରି ସ୍ଥଳେ ଯଦି ଜଣେ ହାକିମଙ୍କ ବନ୍ଧୁ ସାଂସାରିକ ସମ୍ପର୍କ ଯୋଗୁ ଏକପ୍ରକାରର ବୈକୁଣ୍ଠ ସଦୃଶ ଜୀବନ ଅତିବାହିତ କରିଥାଏ ତେବେ ଯେଉଁମାନେ ହେଉଛନ୍ତି ଅଲ୍ଲାଃଙ୍କ (ପ୍ରକୃତ) ବନ୍ଧୁ ସେମାନଙ୍କ ପାଇଁ କାହିଁକି ବୈକୁଣ୍ଠର ମାର୍ଗକୁ ଖୋଲିଦିଆ ନଯିବ । ଯଦିଚ ଏ ସଂସାର ଦୁଃଖକଷ୍ଟରେ ପରିପୁର୍ଣ୍ଣ କିନ୍ତୁ କିଏ ଏକଥା ଜାଣିଛି ଯେ ସେ କେଉଁଭଳି ଆନନ୍ଦ ଉଠାଉଛି ? ଯଦି ସେମାନଙ୍କୁ (କୌଣସି) ଦୁଃଖ ପହଂଚେ ତେବେ ଅଧଘଂଟା କଷ୍ଟ ଉଠାଇବା ମଧ୍ୟ କଠିନ କାର୍ଯ୍ୟ କିନ୍ତୁ ସେମାନେ ସାର ଜୀବନ (କିପରି) ଦୁଃଖ କଷ୍ଟରେ ରହିଥାନ୍ତି । ଗୋଟିଏ ଯୁଗର ରାଜତ୍ୱ ସେମାନଙ୍କୁ ପ୍ରଦାନ କରାଯାଇ ଯଦି ସେମାନଙ୍କୁ ନିଜ କାର୍ଯ୍ୟରୁ ରୋକି ଦିଆଯାଏ ତେବେ ସେ କେବେ କାହାର କଥା ଶୁଣିଥାନ୍ତି କି ? (ଅର୍ଥାତ୍ ନିଜ କର୍ତବ୍ୟ ହିଁ କରିଥାନ୍ତି) ସେହିପରି ଯଦି ତାଙ୍କ ଉପରେ ବିପଦର ପାହାଡ ଖସିପଡେ ତେବେ ମଧ୍ୟ ସେମାନେ ନିଜର ସଂକଳ୍ପକୁ ତ୍ୟାଗ କରନ୍ତି ନାହିଁ ।

### ଚରିତ୍ରର ପୁର୍ଣ୍ଣ ନମୁନା

ଆମ ହାଦିଏ କାମିଲ୍ (ଅର୍ଥାତ୍ ପୁର୍ଣ୍ଣ ପଥ ପ୍ରଦର୍ଶକ)ଙ୍କୁ ଏହି ଦୁଇଟି କଥା ଦେଖିବାକୁ ପଡିଲା । ଏକ ସମୟରେ ତାଏଫ୍‌ଠାରେ (ତାଙ୍କ ଉପରେ) ପଥର ବର୍ଷା କରାଗଲା । ବହୁ ସଂଖ୍ୟକ ଲୋକେ ଭୀଷଣରୁ ଭୀଷଣ ଶାରିରୀକ ଦଣ୍ଡ ଦେଲେ କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଧୈର୍ଯ୍ୟ ଓ ଦୃଢ଼ତାରେ କୌଣସି ଫରକ ପଡିଲା ନାହିଁ । ଯେତେବେଳେ (ସେହି) କୌମ୍ (ଏକଥା) ଦେଖିଲା ଯେ ଭୀଷଣ ଦୁଃଖ କଷ୍ଟ ଦ୍ୱାରା ତାଙ୍କ ଉପରେ କୌଣସି ପ୍ରଭାବ ପଡୁନାହିଁ ତେଣୁ ସେମାନେ ଏକାଠି ହୋଇ ରାଜତ୍ୱ (ପ୍ରଦାନ କରିବାର) ପ୍ରତିଶୃତି ଦେଲେ । ନିଜର ଅମୀର୍ ବନାଇବାକୁ ଚାହିଁଲେ । ପ୍ରତ୍ୟେକ ପ୍ରକାରର ଭୋଗବିଳାସର ସାମାନ୍ ଯୋଗାଇ ଦେବାର ପ୍ରତିଶୃତି କଲେ । ଏପରିକି ସୁନ୍ଦରରୁ ସୁନ୍ଦର ସ୍ତ୍ରୀ ମଧ୍ୟ (ଦେବାକୁ ଇଚ୍ଛା କଲେ) । କିନ୍ତୁ ତାଙ୍କର ଏ ସର୍ତ ଥିଲା କି ହଜ୍‌ରତ୍ ପ୍ରତିମା ଗୁଡିକୁ ନିନ୍ଦା କରିବା ଛାଡିଦିଅନ୍ତୁ । କିନ୍ତୁ ଯେପରିକି ତାଏଫ୍‌ର ବିପଦ ସମୟରେ ସେହିପରି ଏହି ରାଜତ୍ୱର ପ୍ରତିଶୃତି ସମୟରେ ମଧ୍ୟ ହଜ୍‌ରତ୍ କିଛି ପରବାୟ କଲେନାହିଁ ଏବଂ ପଥର (ମାଡ) ଖାଇବାକୁ ଅଗ୍ରାଧିକାର ଦେଲେ । ସୁତରାଂ ଯେପର୍ଯ୍ୟନ୍ତ (ଦୁଃଖ କଷ୍ଟ ଉଠାଇବାରେ) ଏକ ବିଶେଷ ଆନନ୍ଦ ମିଳୁନାହିଁ ତେବେ କଣ ଆବଶ୍ୟକତା ଥିଲା ଯେ ଭୋଗବିଳାସକୁ ଛାଡି ଦୁଃଖ ଉଠାଇଥାଆନ୍ତେ ।

ଏପରି ମୌକା ଆମ ରସୁଲ୍ ସ:ଆ:ସଙ୍କ ବ୍ୟତୀତ ଆଉ କୌଣସି ନବୀଙ୍କୁ ମିଳିନାହିଁ ଯେ ସେମାନଙ୍କୁ ନବୁଓ୍ୱତ୍‌ର କାର୍ଯ୍ୟକୁ ଛାଡିଦେବା ପାଇଁ କୌଣସି ପ୍ରତିଶୃତି ଦିଆଯାଇଥିବ । ମସିହ୍ (ଅର୍ଥାତ୍ ଇସା ଆଲୈହିସ୍ ସଲାମ୍)ଙ୍କୁ ମଧ୍ୟ ଏ ସୌଭାଗ୍ୟ ମିଳିନାହିଁ । ପୃଥିବୀର ଇତିହାସରେ କେବଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ହିଁ ଏପରି ମାମଲା ହୋଇଛି ଯେ ଆପଣ ସ:ଆ:ସଙ୍କୁ ରାଜତ୍ୱ ଦେବାର ପ୍ରତିଶୃତି ଦିଆଯାଇଥିଲା କି ଯଦି ଆପଣ ନିଜ କାର୍ଯ୍ୟକୁ ଛାଡିଦେବେ । ତେଣୁ ଏ ସମ୍ମାନ ଆମ ରସୁଲ୍ ସ:ଆ:ସଙ୍କ ସହିତ ହିଁ ବିଶେଷ (ରୂପେ ଜଡିତ) । ସେହିପରି ଆମ ହାଦିଏ କାମିଲ୍ (ପୂର୍ଣ୍ଣ ପଥ ପ୍ରଦର୍ଶକ)ଙ୍କୁ ଦୁଇଗୋଟି ଯୁଗ (ଅର୍ଥାତ୍) ଦୁଃଖ କଷ୍ଟ ଏବଂ ବିଜୟପ୍ରାପ୍ତ କରିବାର ସୌଭାଗ୍ୟ ମିଳିଛି । ଯଦ୍ୱାରା ସେ ଉକ୍ତ ଦୁଇଗୋଟି ପରିସ୍ଥିତିରେ ଚରିତ୍ରର ପୁର୍ଣ୍ଣ ନମୁନା ଦେଖାଇପାରିବେ ।

ଅଲ୍ଲାଃତାଲା ମୁତ୍ତକି ମାନଙ୍କ ପାଇଁ ସେହି ଦୁଇ ପ୍ରକାରର ଆନନ୍ଦ ଲାଭ କରିବାକୁ ଚାହୁଁଛନ୍ତି । ବେଳେବେଳେ ସାଂସାରିକ ଆନନ୍ଦ, ଆରାମ ଏବଂ ପବିତ୍ର ବସ୍ତୁଗୁଡିକ (ମିଳିବା) ଅବସ୍ଥାରେ (ଯେଉଁ ଆନନ୍ଦ ମିଳିଥାଏ) । (ଏବଂ) ବେଳେବେଳେ ଦୁଃଖ ଏବଂ କଷ୍ଟ (ସହନ କରିବାରେ) । ଯଦ୍ୱାରା ସେ ଦୁଇଟିଯାକ ଚରିତ୍ରର ପୁର୍ଣ୍ଣ ନମୁନା ଦେଖାଇପାରିବେ । କିଛି ଚରିତ୍ର ଶକ୍ତିଥିବା ଅବସ୍ଥାରେ ଏବଂ କିଛି ଦୁଃଖ କଷ୍ଟ ଉଠାଇବାରେ ଖୋଲିଥାଏ । ଆମ ନବୀ କରିମ୍ ସ:ଆ:ସଙ୍କୁ ଏହି ଦୁଇଟିଯାକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥିଲା । ସୁତରାଂ ଆମେ ଯେତେମାତ୍ରାରେ ଆପଣ ସ:ଆ:ସଙ୍କ ଚରିତ୍ରକୁ ଉପସ୍ଥାପନ କରିପାରିବା ଅନ୍ୟକୌଣସି କୌମ୍ ତାଙ୍କ ନିଜର କୌଣସି ନବୀଙ୍କ ଚରିତ୍ରକୁ ଉପସ୍ଥାପନ କରିପାରିବେ ନାହିଁ । ଯେପରି ମସିହ୍‌ଙ୍କ ନିକଟରେ କେବଳ ସହନଶୀଳତାର (ଚରିତ୍ର) ପରିପ୍ରକାଶ ହୋଇପାରିଛି କି ସେ ମାଡ ଖାଇ ଚାଲିଥିଲେ କିନ୍ତୁ ଏକଥା କେଉଁଠୁ ବାହାରିବ ଯେ ତାଙ୍କୁ ଶକ୍ତି ମଧ୍ୟ ମିଳିଥିଲା ବୋଲି । ସେହି ନବୀ ନିଶ୍ଚିତ ରୂପେ ସଚ୍ଚା ଅଟନ୍ତି କିନ୍ତୁ ତାଙ୍କଠାରେ ପ୍ରତ୍ୟେକ ପ୍ରକାରର ଚରିତ୍ର ପ୍ରମାଣିତ ହୁଏନାହିଁ । ଯେହେତୁ ସେମାନଙ୍କର ଚର୍ଚ୍ଚା ପବିତ୍ର କୋରାନ୍‌ରେ କରାଯାଇଛି ସେଥିପାଇଁ ଆମେ ତାଙ୍କୁ ନବୀ ବୋଲି ମଣୁଛୁ । ଏତଦ୍‌ବ୍ୟତୀତ ଇଞ୍ଜିଲ୍‌ରେ ମଧ୍ୟ ତାଙ୍କର କୌଣସି ଏପରି ଚରିତ୍ର ପ୍ରମାଣିତ ହେଉନାହିଁ ଯେପରି ସାହସୀ ଅମ୍ବେୟା ମାନଙ୍କର (ମହାନ୍) ଗୁଣ ହୋଇଥାଏ । ସେହିପରି ଆମର ହାଦି କାମିଲ୍ ମଧ୍ୟ ଯଦି ପ୍ରାରମ୍ଭିକ ତେରବର୍ଷ ମଧ୍ୟରେ ମରିଯାଇଥାଆନ୍ତେ ତେବେ ତାଙ୍କର ଆହୁରି ଅନେକ ବହୁତ ଗୁଡିଏ ସୁଚରିତ୍ର ମସିହ୍‌ଙ୍କ ପରି ପ୍ରମାଣିତ ହୋଇନଥାନ୍ତା କିନ୍ତୁ ଯେତେବେଳେ ବିଜୟ ପ୍ରାପ୍ତ କରିବାର ଦ୍ୱିତୀୟ ଯୁଗ ଆସିଲା ଏବଂ ଅପରାଧିମାନଙ୍କୁ ଆପଣ ସ:ଆ:ସଙ୍କ ସମ୍ମୁଖରେ ଉପସ୍ଥାପନ କରାଗଲା ସେଥିରେ ଆପଣ ସ:ଆ:ସଙ୍କ ଦୟା ଏବଂ କ୍ଷମା କରିବାର ଗୁଣର ପୁର୍ଣ୍ଣ ପ୍ରମାଣ ମିଳିଲା ଓ ସେଥିରୁ ଏହା ମଧ୍ୟ ପ୍ରକାଶ ହେଉଛି କି ଆପଣ ସ:ଆ:ସଙ୍କର କାର୍ଯ୍ୟ କୌଣସି ପ୍ରକାରେ ଜୋର୍ ଜବରଦସ୍ତି ନଥିଲା ବରଂ ପ୍ରତ୍ୟେକ କଥା ନିଜର ପ୍ରାକୃତିକ ଅବସ୍ଥାରେ ହିଁ ହେଲା । ସେହିପରି ଆପଣ ସ:ଆ:ସଙ୍କ ଆହୁରି ବହୁତ ଗୁଡିଏ ଚରିତ୍ର ମଧ୍ୟ ପ୍ରମାଣିତ ହେଲା । ସୁତରାଂ ଅଲ୍ଲାଃତାଲା ଏପରି କହୁଛନ୍ତି କି *ନାହ୍‌ନୋ ଅଉଲିୟାଉକୁମ୍ ଫିଲ୍ ହୟାତିଦ୍ ଦୁନ୍‌ୟା ଓ୍ୱଫିଲ୍ ଆଖିରତେ (ହା ମିମ୍ ସଜ୍‌ଦାଃ:୩୨)* ଅର୍ଥାତ୍ ଆମ୍ଭେ ଏ ଦୁନିଆରେ ମଧ୍ୟ ଓ ଆସନ୍ତା (ଦୁନିଆରେ) ମଧ୍ୟ (ଅର୍ଥାତ୍ ଇହକାଳ ଓ ପରକାଳରେ) ମୁତ୍ତକି ମାନଙ୍କର ଓ୍ୱଲି (ପ୍ରକୃତ ବନ୍ଧୁ) ହୋଇଯାଉ । ସୁତରାଂ ଏହି ଆୟତଟିକୁ ମଧ୍ୟ ସେହି ଅବୋଧମାନେ ଅସ୍ୱୀକାର କରିଛନ୍ତି ଯେଉଁମାନେ ଏ ଜୀବନରେ ଫରିସ୍ତାଙ୍କ ଅବତରଣକୁ ଅସ୍ୱୀକାର କରିଛନ୍ତି । ଯଦି ଶେଷ ନିଃଶ୍ୱାସ ଯିବା ଅବସ୍ଥାରେ ଫରିସ୍ତାଙ୍କ ଅବତୀର୍ଣ୍ଣ ହେବାର ଥିଲା ତେବେ ହୟାତୁଦ୍ ଦୁନ୍‌ୟାରେ (ଅର୍ଥାତ୍ ଏ ପୃଥିବୀର ଜୀବଦଶାରେ) ଖୁଦାତାଲା କିପରି ଓ୍ୱଲି ହେଲେ ।

(ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୧୦-୧୨)


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**୧୨୪ତମ ଜଲ୍‌ସାସାଲାନା କାଦିଆନ୍ ୨୦୧୮ର ରିପୋର୍ଟ୍ (ପ୍ରଥମ ଜଲ୍‌ସାସାଲାନା ଠାରୁ ଏପର୍ଯ୍ୟନ୍ତ ୧୨୭ତମ ବର୍ଷ)**

# ଜମାତ୍ ଅହେମଦୀୟାର ମର୍କଜ (କେନ୍ଦ୍ର) କାଦିଆନ୍ ଦାରୁଲ୍ ଅମାନ୍‌ରେ ୧୨୪ ତମ ଜଲ୍‌ସସାଲାନାରେ ସଫଳ ଓ ବାବର୍‌କତ୍ (ବୈଭବପୂର୍ଣ୍ଣ) ଆୟୋଜନ

ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ପ୍ରେମ ଓ ଭକ୍ତିଭାବର ପଦମର୍ଯ୍ୟାଦାକୁ କେହି ପହଂଚିପାରିବେ ନାହିଁ । ଆପଣ ଆ:ସଙ୍କ ପ୍ରତ୍ୟେକ ଶବ୍ଦ ଅଲ୍ଲାଃତାଲା ଏବଂ ତା ରସୁଲ୍ ସ:ଆ:ସଙ୍କ ପ୍ରେମରେ ଉତ୍ସର୍ଗୀକୃତ ହେବାର ପ୍ରମାଣ ଅଟେ ।

ଏହି ଶେଷ ଦିନ ଗୁଡିକୁ ମଧ୍ୟ ଦରୁଦ୍ (ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତେ ସଲାମ୍ ପ୍ରେରଣ କରିବା)ରେ ଭରିଦିଅନ୍ତୁ ଏବଂ ନୂଆବର୍ଷର ସ୍ୱାଗତକୁ ମଧ୍ୟ ଦରୁଦ୍ ଓ ସଲାମ୍ ଦ୍ୱାରା ହିଁ କରନ୍ତୁ, ଯଦ୍ୱାରା ଆମେ ଯଥାଶିଘ୍ର ଉକ୍ତ ବର୍‌କାତ୍ ଗୁଡିକୁ ହାସଲ କରିପାରିବା ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ ସହିତ ସଂଲଗ୍ନ ଅଛି ।

ମୁସ୍‌ଲିମ୍ ଟେଲିଭିଜନ୍ ଅହେମଦୀୟା ଜରିଆରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଜଲ୍‌ସାରେ ସାମିଲ୍ ହୋଇଥିବା ସଦସ୍ୟମାନଙ୍କ ନିମନ୍ତେ ଜ୍ଞାନ ଓ ସାରଗର୍ଭକ ଉଦ୍‌ଜାପନୀ ଅଭିଭାଷଣ ।

*ମୁଁ ଏହି ବସ୍ତି ଅର୍ଥାତ୍ କାଦିଆନ୍‌ରେ ଖୁଦାତାଲାଙ୍କୁ ଦେଖିସାରିଛି, ମୁଁ ଇସ୍‌ଲାମ୍‌ର ସମସ୍ତ ଭବିଷ୍ୟବାଣୀ ଗୁଡିକୁ ନବୀ କରିମ୍ ସ:ଆ:ସଙ୍କ ସଚ୍ଚାସେବକଙ୍କ ହାତରେ ପୁରଣ ହେଉଥିବାର ଦେଖୁଅଛି । ଏ ପୃଥିବୀରେ ଅନେକ ଲୋକେ ମେହ୍‌ଦୀୟତ୍‌ର ଦାବୀଦାର୍ ଆସିଛନ୍ତି ଏବଂ ସେମାନେ ନିଜର ତବ୍‌ଲିଗ୍ ପୃଥିବୀରେ ପ୍ରସାର କରିବା ପାଇଁ ଭବିଷ୍ୟବାଣୀ କରିଛନ୍ତି କିନ୍ତୁ ଜଣଙ୍କ ବ୍ୟତୀତ ଆଉ କାହାର କଥା ପୂରଣ ହୋଇନାହିଁ ଏବଂ ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ବେହଶ୍‌ତି ମକ୍‌ବରାରେ ଦଫନ ହୋଇଛନ୍ତି । ତାଙ୍କ ଫଳକରେ ଏହା ଲେଖାଯାଇଛି କି ''ମଜ୍ଜାରେ ମୁବାରକ୍ ହଜ୍‌ରତ୍ ଅକ୍‌ସଦ୍ ମିର୍ଜା ଗୁଲାମ୍ ଅହମଦ୍ କାଦିଆନୀ ମସିହ୍ ମଉଦ୍ ଓ୍ୱ ଇମାମ୍ ମେହ୍‌ଦୀ''

*ମୁଁ ଅହେମଦୀ ଲିଟ୍‌ରେଚର୍ ଗୁଡିକୁ ଅଧ୍ୟୟନ କରିଛି ଏବଂ ଅହେମଦୀ ମୁସଲ୍‌ମାନ୍ ସହିତ ଭେଟି ଏହି ଉପନୀତରେ ପହଂଚିଛି ଯେ ଅହେମଦୀୟତ୍ ହିଁ ପ୍ରକୃତ ଇସ୍‌ଲାମ୍ ଏବଂ ଅହେମଦୀମାନେ ଅନ୍ୟ ମୁସଲ୍‌ମାନ୍ ଅପେକ୍ଷା ଅଧିକ ସତ୍ୟବାଦୀ ଓ ଉତମ ମୁସଲ୍‌ମାନ୍ ଅଟନ୍ତି ।

*ମୁଁ ଜାଣିନାହିଁ ଯେ କେତେ ଶତାବ୍ଦୀ ଆହୁରି ବିତିବାକୁ ଅଛି କିନ୍ତୁ ମୁଁ ଏକଥା ଜାଣିଛି ଯେ ଏ ପୃଥିବୀରେ ସବୁଠାରୁ ଉଚ୍ଚତମ ନାରା (ସ୍ଲୋଗାନ୍) କାଦିଆନ୍‌ର ପବିତ୍ର ବସ୍ତିର ହିଁ ଗୁଞ୍ଜରଣ ହେବ । ଇନ୍‌ଶାଅଲ୍ଲାଃ

**ଜଲ୍‌ସାସାଲାନା କାଦିଆନ୍‌ରେ ସାମିଲ୍ ହୋଇଥିବା ନୌମୁବାଇନ୍ (ନୁଆ ଅହେମଦୀ)ଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତି**

*ଜମାତ୍ ପ୍ରେମର ଯେଉଁ ବାର୍ତାକୁ ପୃଥିବୀରେ ପ୍ରଚାର ପ୍ରସାର କରୁଅଛି ତାହା ପ୍ରଶଂସାଯୋଗ୍ୟ, ମୁଁ ହଜୁର୍ ଅନୁଓ୍ୱର୍‌ଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ ଆପଣ ପ୍ରେମର ବାର୍ତାକୁ ଏ ପୃଥିବୀରେ ପ୍ରଚାର କରୁଛନ୍ତି । ଆପଣଙ୍କ ଜମାତ୍ ଓ ଖଲିଫା ସାରା ପୃଥିବୀରେ ପ୍ରେମ ଓ ଆପୋଷ ଭାଇଚାରାର ଶିକ୍ଷା ଦେଉଅଛନ୍ତି ଏବଂ ସମଗ୍ର ପୃଥିବୀକୁ ଧ୍ୱଂସ ମୁହଁରୁ ବଂଚାଇବା ପାଇଁ ଚେଷ୍ଟାରେ ଲାଗିଛନ୍ତି ।

*ମୁସ୍‌ଲିମ୍ ସମାଜ ସର୍ବଦା ଶିଖ୍ ଧର୍ମକୁ ମାନୁଥିବା ଲୋକମାନଙ୍କ ସହିତ ସହାନୁଭୁତି ଦେଖାଉଅଛି, ମୁସ୍‌ଲିମ୍ ସମାଜ ପ୍ରତ୍ୟେକ କଠିନ ପରିସ୍ଥିତିରେ ଆମ ସହିତ ଛିଡା ହୋଇଛି ଏବଂ ଏହି ଦୁଇଗୋଟି ଧର୍ମର ବିଶେଷତ୍ୱ ହେଉଛି ଏହା କି ଏମାନେ ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କ ଉପାସନା କରୁଛନ୍ତି ।

*ଏ ପୃଥିବୀରେ ଏପରି ବହୁତ କମ୍ ଜଲ୍‌ସା ହୋଇଥାଏ ଯେଉଁଠାରୁ ମାନବିକତାର ସ୍ଲୋଗାନ୍ ଗୁଞ୍ଜରଣ ହେଉଥିବ, ମାନବଜାତିର ସେବା ହେଉଛି ସବୁଠାରୁ ମହାନକାର୍ଯ୍ୟ ଯାହାକୁ ଆପଣଙ୍କ ଜମାତ୍ କରୁଅଛି ।

*ବର୍ତମାନ ସମୟରେ ଯେଉଁଭଳି ସୁନ୍ଦର ଶୈଳୀରେ ପ୍ରେମ ଓ ଶାନ୍ତିର ବାର୍ତା ଜମାତ୍ ତରଫରୁ ଦିଆଯାଉଅଛି ତାହା ପ୍ରଶଂସାଯୋଗ୍ୟ ।

**ଜଲ୍‌ସାସାଲାନାରେ ସାମିଲ୍ ହୋଇଥିବା କିଛି ରାଜନୈତିଜ୍ଞ ଏବଂ ଧାର୍ମିକ ବ୍ୟକ୍ତିବିଶେଷଙ୍କ ମନୋଭାବ ବ୍ୟକ୍ତ**

●୪୮ଟି ଦେଶର ପ୍ରତିନିଧିତ୍ୱ, ୧୮୮୬୪ଜଣ ସଦସ୍ୟ ଜଲ୍‌ସାରେ ସାମିଲ୍ ।

●ହଜୁର୍ ଅନୁଓ୍ୱର୍‌ଙ୍କ ଉଦ୍‌ଜାପନୀ ଅଭିଭାଷଣ ଅବସରରେ ଲଣ୍ଡନ୍‌ରେ ୫୩୪୫ଜଣ ଅହେମଦୀ ସାମିଲ୍ ହୋଇଥିଲେ ।

●ନମାଜ ତହ୍‌ଜୁଦ୍ -ଦର୍‌ସୁଲ୍ କୁର୍‌ଆନ୍ ଏବଂ ଜିକ୍‌ରେ ଇଲାହିରେ ପରିପୁର୍ଣ୍ଣ ପରିବେଶ ●ଓଲେମା କରାମ୍‌ଙ୍କ ସାରଗର୍ଭକ ଭାଷଣ -ଜଲ୍‌ସା ପେଶ୍‌ଓ୍ୱାୟାନେ ମଜାହିବ୍ ଅନୁଷ୍ଠିତ ●ଅତିଥିମାନଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବବ୍ୟକ୍ତ ●ଦେଶୀ ଓ ବିଦେଶୀ ଭାଷାରେ ଜଲ୍‌ସାର ପ୍ରୋଗ୍ରାମ୍ ଗୁଡିକର ଅନୁବାଦ ●ଜମାତ୍‌ର ସଦସ୍ୟମାନଙ୍କ ଜ୍ଞାନ ବୃଦ୍ଧି କରିବା ପାଇଁ ତର୍‌ବିୟତି ବିଷୟ ଉପରେ ଆଧାରିତ ଡକ୍ୟୁମେଂଟାରୀ ଓ ବିଭିନ୍ନ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀ ●୩୪ଟି ନିକାହ୍‌ର ଘୋଷଣା ●ପ୍ରିଂଟ୍ ଏବଂ ଇଲେକ୍‌ଟ୍ରୋନିକ ମିଡିଆରେ ଜଲ୍‌ସାର କଭରେଜ୍ ●ଶାନ୍ତିପୁର୍ଣ୍ଣ ଏବଂ ସୁନ୍ଦର ପରିବେଶରେ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ ●୧୯ ରୁ ୨୧ ଡିସେମ୍ବର୍ ଏମ୍.ଟି.ଏ ଇଂଟରନ୍ୟାସ୍‌ନାଲ୍ କାଦିଆନ୍ ଷ୍ଟୁଡିଓରୁ ଆରବୀ ପ୍ରୋଗ୍ରାମ୍ *''ଇସ୍‌ମଉ ସଉତସ୍ ସମାଅ ଜାଅଲ୍ ମସିହ୍ ଜାଅଲ୍ ମସିହ୍''* ର ସିଧା ପ୍ରସାରଣ ●୩ରୁ୫ ଜାନୁଆରୀ The Messiah of the Age ବିଷୟବସ୍ତୁ ଉପରେ ଆଧାରିତ ଆଫ୍ରିକୀୟ ଦେଶଗୁଡିକ ନିମନ୍ତେ ସିଧାପ୍ରସାରଣ ।

ରିପୋର୍ଟ୍ ମନ୍‌ସୁର୍ ଅହେମଦ୍ ମସ୍‌ରୁର୍ (ମୁନ୍‌ତଜିମ୍ ରିପୋର୍ଟିଂ)

**(ଶେଷ ଭାଗ)**

## ଜଲ୍‌ସା ମସ୍ତୁରାତ୍ (ମହିଳାମାନଙ୍କ ଜଲ୍‌ସା)

ଜଲ୍‌ସାସାଲାନା କାଦିଆନ୍ ୨୦୧୮ ଅବସରରେ ଦ୍ୱିତୀୟ ଦିନର ଦ୍ୱିତୀୟ ଇଜିଲାସ୍‌ରେ ଲଜ୍‌ସା ଇମାଇଲ୍ଲାଃ ଭାରତ ମହିଳାମାନଙ୍କ  ଜଲ୍‌ସାଗାଃ ଠାରେ ନିଜର ପ୍ରୋଗ୍ରାମ୍ ଅନୁଷ୍ଠିତ କଲେ । ଇଜ୍‌ଲାସ୍‌ର ସଭାପତିତ୍ୱ ମୋହତରମା ସାହାବ୍‌ଜାଦି ଅମତୁଲ୍ କୁଦୁସ୍ ବେଗମ୍ ସାହିବା ଅଫ୍ ରବ୍‌ଓ୍ୱା ଧର୍ମପତ୍ନୀ ମୋହତରମ୍ ସାହାବ୍‌ଜାଦା ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ମର୍‌ହୁମ୍ ଓ ମଗ୍‌ଫୁର୍ ପୂର୍ବତନ ନାଜର୍ ଆଲା ରବ୍‌ଓ୍ୱା କଲେ । ପବିତ୍ର କୋରାନ୍‌ର ଆବୃତି ମୋହତରମା ନୈୟରାଃ ତନ୍‌ଓ୍ୱିର୍ ଫାରିୟା ସାହିବା କଲେ ଯାହାର ଉର୍ଦ୍ଦୁ ଅନୁବାଦ ମୋହତରମା ତମ୍‌ହିଦାଃ ଉମର୍ ସାହିବା ଉପସ୍ଥାପନ କଲେ । ମୋହତରମା ରାଶଦାଃ ତନ୍‌ଓ୍ୱିର୍ ସାହିବା ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମଞ୍ଜୁମ୍ କଲାମ୍:-

*ମେରେ ମୌଲା ମେରି ୟେହ୍ ଇକ୍ ଦୁଆ ହୈ*
*ତେରି ଦର୍‌ଗାଃ ମେଁ ଇଜ୍‌ଜୋ ବୁକା ହୈ*

ଲଳିତ ସ୍ୱରରେ ପଢ଼ି ଶୁଣାଇଲେ । ତା'ପରେ ମୋହତରମା ତୈୟବାଃ ରଜାକ୍ ସାହିବା ସଦର୍ ଲଜ୍‌ନା ଇମାଇଲ୍ଲାଃ ହାଇଦ୍ରାବାଦ୍ ''ସିରତ୍ ହଜ୍‌ରତ୍ ସାହାବ୍‌ଜାଦୀ ଅମତୁଲ୍ ହଫିଜ୍ ବେଗମ୍ ସାହିବା ର:ଅ'' (ଅର୍ଥାତ୍ ହଜ୍‌ରତ୍ ସାହାବ୍‌ଜାଦୀ ଅମତୁଲ୍ ହଫିଜ୍ ବେଗମ୍ ସାହିବା ର:ଅଙ୍କ ଜୀବନଚରିତ) ବିଷୟବସ୍ତୁ ଉପରେ ତକ୍‌ରିର୍ କଲେ । ତା'ପରେ ମୋହତରମା କୁର୍‌ରତୁଲ୍ ଆଏନ୍ ସାହିବା ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମଞ୍ଜୁମ୍ କଲାମ୍:-

*ହମେଁ ଉସ୍ ୟାର୍ ସେ ତକ୍‌ଓ୍ୱା ଆତା ହୈ*
*ନା ୟେ ହମ୍‌ସେ କେଃ ଏହ୍‌ସାନେ ଖୁଦା ହୈ*

ଅତ୍ୟନ୍ତ ସୁନ୍ଦର ଓ ମଧୁର ସ୍ୱରରେ ପଢ଼ି ଶୁଣାଇଲେ । ଏହାପରେ ମୋହତ୍‌ରମା ବୁଶ୍‌ରାଃ ପାଶା ସାହିବା ସଦର୍ ଲଜ୍‌ନା ଇମାଇଲ୍ଲାଃ ଭାରତ ''ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ଉପଦେଶାବଳୀର ଆଲୋକରେ ଲଜ୍‌ନା ଇମାଇଲ୍ଲାଃଙ୍କ ଦାୟିତ୍ୱ'' ବିଷୟ ବସ୍ତୁ ଉପରେ ତକ୍‌ରୀର୍ କଲେ । ଲଜ୍‌ନା ଇମାଇଲ୍ଲାଃ କେରଳର ସଭ୍ୟାମାନେ ଏବଂ ନାସିରାତୁଲ୍ ଅହେମଦୀୟା କାଦିଆନ୍‌ର ସଦସ୍ୟାଗଣ ତରାନା ଉପସ୍ଥାପନ କଲେ । ଶେଷରେ ସଦ୍‌ରେ ଇଜ୍‌ଲାସ୍ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ପୂଣ୍ୟ ସନ୍ତାନମାନଙ୍କ ବିଷୟରେ ଚର୍ଚ୍ଚା କରି ତାଙ୍କର ପରିଚୟ ପ୍ରଦାନ କଲେ । ପୁଣି ପ୍ରାର୍ଥନା ସହିତ ଜଲ୍‌ସାର ପରିସମାପ୍ତି ହେଲା ।

## ନିଜାମତେ ଓ୍ୱ କୟାମଗାହେଁ (ବିଭିନ୍ନ ବ୍ୟବସ୍ଥାପିକା ଓ ଆବାସସ୍ଥଳୀ)

ଏବର୍ଷ ଜଲ୍‌ସାସାଲାନା କାଦିଆନ୍‌ର ସମସ୍ତ ବ୍ୟବସ୍ଥା ଏବଂ ଅତିଥିମାନଙ୍କ ନିମନ୍ତେ

*ଅବଶିଷ୍ଟାଂଶ ପୃଷ୍ଠା-୮ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

## ‘‘ବାସ୍ତବରେ ତାଙ୍କ ସମ୍ବନ୍ଧରେ ଯାହାକିଛି ଲେଖାଯାଇଛି..... ତାହା ତାଙ୍କ ସୁଗୁଣ ଗୁଡିକଠାରୁ ବହୁତ ଅଧିକା ଥିଲା’’

ଯମାମା ଯୁଦ୍ଧରେ ଶହୀଦ୍ ହେବାର ମହାନ୍ ପଦମର୍ଯ୍ୟାଦା ପାଇଥିବା ବଦ୍‌ରି ସାହାବୀ ହଜ୍‌ରତ୍ ଅବୁ ହୁଜୈଫା ବିନ୍ ଉତ୍‌ବାଙ୍କ ପବିତ୍ର ଜୀବନ ଚରିତର ବିଶ୍ୱାସବର୍ଦ୍ଧକ ଏବଂ ହୃଦୟସ୍ପର୍ଶୀ ଚର୍ଚ୍ଚା ।

ଖିଲାଫତେ ଅହେମଦୀୟା ସହିତ ଅତ୍ୟନ୍ତ ପ୍ରେମ ଓ ଆଜ୍ଞାବହତାର ସମ୍ବନ୍ଧ ରଖିଥିବା ଜଣେ ବିନୟୀ ପୁରୁଣା ଖାଦିମେ ସିଲ୍‌ସିଲା ଓ ବୟୋଜ୍ୟେଷ୍ଠ ଅହେମଦୀୟା ସେକେଣ୍ଡାରୀ ସ୍କୁଲ୍ ଘାନାର ପ୍ରଥମ ଭାଇସ୍ ପ୍ରିନ୍‌ସିପାଲ୍ ତାଲିମୁଲ୍ ଇସ୍‌ଲାମ୍ କଲେଜ୍ ଏବଂ ପୁଣି ଜାମିଆ ଅହେମଦୀୟାରେ ଶିକ୍ଷକତାର ଦାୟିତ୍ୱ ନିର୍ବାହ କରିଥିବା ଏ ସିଲ୍‌ସିଲାର ଜଣେ ମହାନ୍ ଜ୍ଞାନୀ ପ୍ରଫେସର୍ ସଉଦ୍ ଅହେମଦ୍ ଖାନ୍ ସାହେବ୍‌ଙ୍କ ଦେହାନ୍ତରେ ତାଙ୍କ ସୁଗୁଣ ଗୁଡିକର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୦୧ ଫେବୃଆରୀ ୨୦୧୯ ଅନୁଯାୟୀ ୦୧ ତବ୍‌ଲିଗ୍ ୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔
إِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ଆଜି ଯେଉଁ ସାହାବୀଙ୍କର ଚର୍ଚ୍ଚା କରାଯିବ ତାଙ୍କ ନାମ ହେଉଛି ହଜ୍‌ରତ୍ ଅବୁ ହୁଜୈଫା ବିନ୍ ଉତ୍‌ବା । ତାଙ୍କ କୁନିୟତ୍ ହେଉଛି ଅବୁ ହୁଜୈଫା । ତାଙ୍କ ନାମ ହୁଶୈମ୍ ବା ହାଶିମ୍ ବା କଏସ୍, ହିସଲ୍, ଇସ୍‌ଲି ଏବଂ ମିକ୍‌ସମ୍ ବୋଲି ବର୍ଣ୍ଣନା କରାଯାଉଛି । ତାଙ୍କ ମାଆଙ୍କ ନାମ ଉମେ ସଫ୍‌ୱାନ୍ ଥିଲା । ତାଙ୍କ ସମ୍ପୂର୍ଣ୍ଣ ନାମ ଫାତ୍‌ମା ବିନ୍‌ତ୍ ସଫ୍‌ୱାନ୍ ଥିଲା । ସେ ଅତ୍ୟନ୍ତ ଲମ୍ବା ଶରୀର ଏବଂ ସୁନ୍ଦର ଚେହେରାର ମାଲିକ ଥିଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାରେ ଅରକମ୍‌ରେ ପ୍ରବେଶ ହେବା ପୂର୍ବରୁ ଇସ୍‌ଲାମ୍ ଗ୍ରହଣ କରିସାରିଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୬୧-୬୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ମୁସ୍‌ତଦରକ୍ ଅଲସ୍ ସହିହିନ୍, ଖଣ୍ଡ-୩, ପୃଷ୍ଠା-୨୪୮, ହଦିସ୍-୪୯୯୩..... ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍-୨୦୦୨) (ଇମ୍‌ତାଉଲ୍ ଅସ୍‌ମାଆ, ଖଣ୍ଡ-୧୪, ପୃଷ୍ଠା-୩୩୫, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୯) । ସେ ପ୍ରାରମ୍ଭିକ ମୁସଲ୍‌ମାନଙ୍କ ମଧ୍ୟରୁ ଜଣେ ଥିଲେ । ତାଙ୍କ ସମ୍ବନ୍ଧରେ ଚର୍ଚ୍ଚା କରି ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଲେଖୁଛନ୍ତି କି:-

ଅବୁ ହୁଜୈଫା ବିନ୍ ଉତ୍‌ବା ବନି ଉମୈୟାର ଥିଲେ । ତାଙ୍କ ବାପାଙ୍କ ନାମ ଉତ୍‌ବା ବିନ୍ ରବିୟା ଥିଲା ଯିଏ କୁରୈଶ୍‌ର ସର୍ଦ୍ଦାର ମାନଙ୍କ ମଧ୍ୟରୁ ଜଣେ ଥିଲେ । ଅବୁ ହୁଜୈଫା ଯମାମା ଯୁଦ୍ଧରେ ଶହୀଦ୍ ହୋଇଥିଲେ । ଯେଉଁ ଯୁଦ୍ଧ ହଜ୍‌ରତ୍ ଅବୁ ବକର୍‌ଙ୍କ ଖିଲାଫତ୍ ସମୟରେ ମୁସ୍‌ଲିମା କଜ୍ଜାବ୍‌ଙ୍କ ସହିତ ଅନୁଷ୍ଠିତ ହୋଇଥିଲା । (ସିରତ୍ ଖାତମୁନ୍ ନବିଇନ୍, ସଂକଳକ - ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୧୨୪)

ହଜ୍‌ରତ୍ ଅବୁ ହୁଜୈଫା ହବ୍‌ସା ଆଡକୁ କରାଯାଇଥିବା ଦୁଇଟିଯାକ ହିଜ୍‌ରତ୍‌ରେ ସାମିଲ୍ ହୋଇଥିଲେ ଓ ତାଙ୍କ ପତ୍ନୀ ହଜ୍‌ରତ୍ ସହ୍‌ଲା ବିନ୍‌ତ୍ ସୁହୈଲ୍ ମଧ୍ୟ ତାଙ୍କ ସହିତ ହିଜ୍‌ରତ୍ କରିଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୬୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ହବ୍‌ସା ଆଡକୁ ହିଜ୍‌ରତ୍ କରିବା ସମ୍ବନ୍ଧରେ ପୂର୍ବରୁ ମଧ୍ୟ ସାହାବା ମାନଙ୍କ ଚର୍ଚ୍ଚା କରାଯିବା ସମୟରେ ବର୍ଣ୍ଣନା ହୋଇସାରିଛି କି କିଭଳି ତାହା ହୋଇଥିଲା ଓ କାହିଁକି ହୋଇଥିଲା ? ଏଠାରେ ମଧ୍ୟ ସଂକ୍ଷିପ୍ତରେ ବର୍ଣ୍ଣନା କରିଦେଉଛି । ବିଭିନ୍ନ ଇତିହାସ ପୁସ୍ତକରୁ ଏବଂ ହଦିସ୍ ଗୁଡିକରୁ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଯାହାକିଛି ସଂଗ୍ରହ କରିଛନ୍ତି ସେଥିରୁ ଆହୁରି ସଂକ୍ଷେପରେ ବା ସେଥିରୁ କିଛି କଥା ନେଇ ବର୍ଣ୍ଣନା କରିବି । ସେ ଲେଖୁଛନ୍ତି କି ଯେତେବେଳେ ମୁସଲ୍‌ମାନ୍‌ମାନଙ୍କର ଦୁଃଖ ଶେଷ ସୀମାରେ ପହଂଚିଗଲା ଏବଂ କୁରୈଶ ନିଜର ଅତ୍ୟାଚାରକୁ ବଢ଼ାଇ ଚାଲିଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ମୁସଲ୍‌ମାନ୍ ମାନଙ୍କୁ କହିଲେ ଯେ ସେମାନେ ହବ୍‌ଶା ଆଡକୁ ହିଜ୍‌ରତ୍ କରିନିଅନ୍ତୁ । ଏବଂ ଏହା ମଧ୍ୟ କହିଲେ କି ହବ୍‌ଶାର ସମ୍ରାଟ ହେଉଛନ୍ତି ଜଣେ ନ୍ୟାୟବନ୍ତ ସମ୍ରାଟ । ତାଙ୍କ ସରକାର କାହା ଉପରେ ଅତ୍ୟାଚାର କରେନାହିଁ । ସେ ସମୟରେ ହବ୍‌ଶା ଗୋଟିଏ ମଜ୍‌ବୁତ୍ ଇସାଇ ହୁକୁମତ୍ ଥିଲା ଓ ସେଠିକାର ସମ୍ରାଟକୁ ନଜାଶି କୁହାଯାଉଥିଲା । ହବ୍‌ଶାର ଆରବ ସହିତ ବାଣିଜ୍ୟ ସମ୍ପର୍କ ଥିଲା । ଯେତେବେଳେ ଏମାନେ ହିଜ୍‌ରତ୍ କରି ସେଠାରେ ପହଂଚିଲେ ସେତେବେଳେ ନଜାଶି ସମ୍ରାଟର ନିଜ ନାମ ଥିଲା ଅସ୍‌ହମା ଯିଏ ଜଣେ ନ୍ୟାୟବନ୍ତ ବୁଦ୍ଧିମାନ ଏବଂ ମଜ୍‌ବୁତ୍ ସମ୍ରାଟ୍ ଥିଲେ ସେ ଯାହାହେଉ ଯେତେବେଳେ ମୁସଲ୍‌ମାନ୍‌ମାନଙ୍କର ଦୁଃଖ ବହୁତ ବଢ଼ିଗଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ଯେଉଁମାନଙ୍କ ଦ୍ୱାରା ହୋଇପାରିବ ସେମାନେ ହବ୍‌ଶା ଆଡକୁ ହିଜ୍‌ରତ୍ କରି ଯାଆନ୍ତୁ । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ୫ ନବୱିର ରଜବ୍ ମାସରେ ୧୧ଜଣ ପୁରୁଷ ଓ ଚାରିଜଣ ମହିଳା ହବ୍‌ଶା ଆଡକୁ ହିଜ୍‌ରତ୍ କରିଗଲେ । ସେମାନଙ୍କ ମଧ୍ୟରୁ ପ୍ରସିଦ୍ଧ ନାମ ଗୁଡିକ ହେଉଛି ଏପରି:- ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍ ର:ଅ, ତାଙ୍କ ସ୍ତ୍ରୀ ରୁକୈୟା ବିନ୍‌ତ୍ ରସୁଲୁଲ୍ଲାଃ ସ:ଆ:ସ, ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ, ଜୁବୈର୍ ଇବ୍‌ନୁଲ୍ ଆୱାନ୍, ଅବୁ ହୁଜୈଫା ବିନ୍ ଉତ୍‌ବା । ବର୍ତମାନ ଯାହାଙ୍କ କଥା ପଡିଛି ସେ ମଧ୍ୟ ଉକ୍ତ ପ୍ରଥମ ଦଳରେ ସାମିଲ୍ ଥିଲେ । ଉସ୍‌ମାନ୍ ବିନ୍ ମଜ୍‌ଉନ୍, ମୁସ୍‌ଅବ୍ ବିନ୍ ଉମୈର୍, ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ ଅସଦ୍ ଏବଂ ତାଙ୍କ ପତ୍ନୀ ଉମ୍ମେ ସଲ୍‌ମା ।

ହଜ୍‌ରତ୍ ମିଆଁ ବଶିର୍ ଅହେମଦ୍ ସାହେବ୍ ର:ଅ ଲେଖୁଛନ୍ତି କି ଏହା ଏକ ଆଶ୍ଚର୍ଯ୍ୟର କଥା ଯେ ଉକ୍ତ ପ୍ରାରମ୍ଭିକ ମୁହାଜିର୍‌ମାନଙ୍କ ମଧ୍ୟରେ ଅଧିକା ସଂଖ୍ୟା ସେମାନଙ୍କର ଥିଲା ଯେଉଁମାନେ କୁରୈଶ୍‌ର ଶକ୍ତିଶାଳୀ କବିଲାମାନଙ୍କ ସହିତ ସମ୍ପର୍କ ରଖିଥିଲେ । ଦୁର୍ବଳ ଶ୍ରେଣୀର ଲୋକେ ବହୁତ କମ୍ ଥିଲେ । ଯେଉଁଥିରୁ ଏକଥା ଜଣାପଡୁଛି ଯେ ପ୍ରଥମତଃ ଶକ୍ତିଶାଳୀ କବିଲାଗୁଡିକ ସହିତ ସମ୍ବନ୍ଧ ରଖିଥିବା ଲୋକମାନେ ମଧ୍ୟ କୁରୈଶର ଅତ୍ୟାଚାରରୁ ସୁରକ୍ଷିତ ନଥିଲେ ଓ ଦ୍ୱିତୀୟତଃ ଦୁର୍ବଳ ଶ୍ରେଣୀର ଲୋକମାନେ ଉଦାହରଣ ସ୍ୱରୂପ ଗୁଲାମ୍ ଇତ୍ୟାଦି ଲୋକେ ସେ ସମୟରେ ଏପର ଦୁର୍ବଳ ଓ ଅସହାୟ ଅବସ୍ଥାରେ ଥିଲେ ଯେ ହିଜ୍‌ରତ୍ କରିବା ପାଇଁ ମଧ୍ୟ ତାଙ୍କ ପାଖରେ ଶକ୍ତି ନଥିଲା । ଯେତେବେଳେ ଏହି ମୁହାଜିର୍‌ମାନେ ଦକ୍ଷିଣ ଆଡକୁ ଯାତ୍ରା କରି ଶୁଐବାଃ ଠାରେ ପହଂଚିଲେ, ଯାହା ସେ ସମୟର ଆରବର ଗୋଟିଏ ବନ୍ଦର ଥିଲା, ସେଠାରେ ଅଲ୍ଲାତାଲାଙ୍କର ଏ କରୁଣା ହେଲା କି ସେମାନଙ୍କୁ ଗୋଟିଏ ବଣିକ ଜାହାଜ ମିଳିଗଲା ଯାହା ହବ୍‌ଶା ଆଡକୁ ଯିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ରହିଥିଲା । ତେଣୁ ଏମାନେ ସମସ୍ତେ ସେଥିରେ ଆରୋହଣ କରିଗଲେ । ହବ୍‌ଶାରେ ପହଂଚି ମୁସଲ୍‌ମାନ୍ ମାନଙ୍କୁ ବହୁତ ଶାନ୍ତିର ସହିତ ଜୀବନ ବଂଚାଇବା ପାଇଁ ଅବସର ମିଳିଲା । ଓ ସେମାନେ ଈଶ୍ୱରଙ୍କ ଦୟାବଳରୁ କୁରୈଶର ଅତ୍ୟାଚାରରୁ ମୁକ୍ତି ପାଇଗଲେ । କିନ୍ତୁ ଯେପରିକି କିଛି ଐତିହାସିକମାନେ ଏକଥା ବର୍ଣ୍ଣନା କରିଛନ୍ତି କି ବର୍ତମାନ ସେହି ମୁହାଜିର୍‌ମାନଙ୍କୁ ହବ୍‌ସାରେ ଅଳ୍ପ କିଛି ଦିନ ବିତିଥିଲା କି ନାହିଁ ଗୋଟିଏ ଉଡା ଖବର ଗୁଜବ ରୂପ ନେଇ ତାଙ୍କ ନିକଟରେ ପହଂଚିଲା ଯେ ସମସ୍ତ କୁରୈଶ ମୁସଲ୍‌ମାନ୍ ହୋଇଯାଇଛନ୍ତି । ଏବଂ ମୁଁ ମକ୍କାରେ ଏବେ ସମ୍ପୂର୍ଣ୍ଣ ରୂପେ ଶାନ୍ତିର ଅବସ୍ଥା ରହିଛି । ଏହି ଖବରର ଫଳ ଏହା ବାହାରିଲା ଯେ ଅଧିକାଂଶ ମୁହାଜିର୍ ବିନା ବୁଝାସୁଝାରେ ସେଠାରୁ ଫେରି ଆସିଲେ ।

ସେହି ଗୁଜବ ସମ୍ବନ୍ଧରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ କିଛି ଆଲୋକପାତ କରିଛନ୍ତି ଯେ କିପରି ଏହା ବ୍ୟାପିଗଲା ଓ କାହିଁକି ବ୍ୟାପିଗଲା ? ଏବଂ ଏହି ଗୁଜବର କାରଣ କଣ ଥିଲା ।? ବିଭିନ୍ନ ଇତିହାସରୁ ତଥ୍ୟ ସଂଗ୍ରହ କରି ସେ ଲେଖୁଛନ୍ତି କି ଯଦିଚ ବାସ୍ତବିକ ରୂପେ ସେହି ଗୁଜବ ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ନିରାଧାର ଥିଲା ଯାହା ମୁହାଜିର୍‌ମାନଙ୍କୁ ହବ୍‌ଶାରୁ ଫେରାଇ ଆଣିବା ଓ ସେମାନଙ୍କୁ ଦୁଃଖକଷ୍ଟରେ ପକାଇବା ଉଦ୍ଦେଶ୍ୟରେ କୁରୈଶମାନେ ପ୍ରସିଦ୍ଧ କରିଦେଇଥିବେ ବରଂ ଅଧିକ ଗଭୀରତାର ସହିତ ଅଧ୍ୟୟନ କଲେ ସେହି ଗୁଜବ ଏବଂ ମୁହାଜିର୍‌ମାନଙ୍କ ଫେରିବାର କାହାଣୀ ନିରାଧାର ଦୃଷ୍ଟିଗୋଚର ହେଉଅଛି । କିନ୍ତୁ (ସେ ଲେଖୁଛନ୍ତି) ଯଦି ତାକୁ ସଠିକ୍ ବିବେଚନା କରାଯାଏ ତେବେ ସମ୍ଭବତଃ ତା ମଧ୍ୟରେ ସେହି ଘଟଣାଟି ଥିବ ଯାହା କିଛି ହଦିସ୍ ଗୁଡିକରେ ବର୍ଣ୍ଣନା କରାଯାଇଛି ଓ ଯେପରି ବୁଖାରୀରେ ମଧ୍ୟ ଏହି ଘଟଣା ସମ୍ବନ୍ଧରେ ଆସୁଛି କି ଏକଦା ଆଁ ହଜ୍‌ରତ୍ ସ:ଆ:ସ କାବାର ପ୍ରାଙ୍ଗଣରେ ସୁରଃ ନଜମ୍‌ର ଆୟତ ତିଲାୱତ୍ କରୁଥିଲେ । ସେ ସମୟରେ କୁଫାର୍‌ମାନଙ୍କର ଅନେକ ରଇସ୍ ସେଠାରେ ଉପସ୍ଥିତ ଥିଲେ ଓ କିଛି ମୁସଲ୍‌ମାନ୍ ମଧ୍ୟ ଥିଲେ । ଯେତେବେଳେ ଆପଣ ସ:ଆ:ସ ସୁରଃ ନଜମ୍‌ଟିକୁ ପଢ଼ି ଶେଷ କଲେ ତା ପରେ ସଜ୍‌ଦାଃ କଲେ । ଏବଂ ଆପଣ ସ:ଆ:ସଙ୍କ ସହିତ ସେଠାରେ ଉପସ୍ଥିତ ଥିବା ସମସ୍ତ ମୁସଲ୍‌ମାନ୍ ଓ କାଫିର୍‌ମାନେ ମଧ୍ୟ ସଜ୍‌ଦା କଲେ । କୁଫାର୍‌ମାନଙ୍କର ସଜ୍‌ଦା କରିବାର କାରଣ ହଦିସ୍‌ରେ ବର୍ଣ୍ଣନା ହୋଇନାହିଁ କିନ୍ତୁ ଜଣାପଡୁଛି ଯେ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଉଚ୍ଚ ସ୍ୱରରେ ଅଲ୍ଲାଃତାଲାଙ୍କ ଆୟତ ଗୁଡିକୁ ପାଠ କଲେ ଓ ସେହି ଆୟତ ଗୁଡିକ ମଧ୍ୟ ଏପରି ଥିଲା ଯେଉଁଥିରେ ବିଶେଷ ରୂପେ ଈଶ୍ୱରଙ୍କ ଏକଶ୍ୱରବାଦ ଏବଂ ତାର ଶକ୍ତି

ସମ୍ବନ୍ଧରେ ଅତ୍ୟନ୍ତ ଉଚ୍ଚକୋଟୀର ନକ୍‌ସା ଟଣାଯାଇଥିଲା ଏବଂ ତାର ଅନୁଗ୍ରହ ଗୁଡିକ ସେଥିରେ ଦର୍ଶାଯାଇଥିଲା ଓ ପୁଣି ଏକ ଅତ୍ୟନ୍ତ ପ୍ରଭାବଶାଳୀ ବାଣୀ କୁରୈଶ୍‌କୁ ଭୟଭୀତ କରାଇଦେଇଥିଲା ଯେ ଯଦି ସେମାନେ ନିଜ ଦୁଷ୍ଟାମୀରୁ ବିରତ ନ ରହିବେ ତେବେ ସେମାନଙ୍କର ଏପରି ଅବସ୍ଥା ହେବ ଯେପରି ତାଙ୍କ ପୂର୍ବେ ଥିବା କୌମ୍‌ର ଅବସ୍ଥା ହୋଇଥିଲା ଯେଉଁମାନେ ଖୁଦାଙ୍କ ରସୁଲ୍‌ଙ୍କର ଅସ୍ୱୀକାର କରିଥିଲେ । ଏବଂ ପୁଣି ଶେଷରେ ସେହି ଆୟତ ଗୁଡିକରେ ଏ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଆସ ସମସ୍ତେ ଅଲ୍ଲାଃଙ୍କ ସମ୍ମୁଖରେ ସଜ୍‌ଦା କରି ନତମସ୍ତକ ହୋଇଯିବା । ସେ ଆୟତ ଗୁଡିକୁ ତିଲାୱତ୍ କରିବା ପରେ ଆଁ ହଜ୍‌ରତ୍ ସ:ଆ:ସ ଓ ସମସ୍ତ ମୁସଲ୍‌ମାନ୍ ତତ୍‌କ୍ଷଣାତ୍ ସଜ୍‌ଦା କରିବାକୁ ଲାଗିଲେ । ତେବେ ସେହି ବାଣୀ ଏବଂ ଦୃଶ୍ୟ ଏପରି ଯାଦୁକରି ପ୍ରଭାବ କୁରୈଶ୍ ମାନଙ୍କ ଉପରେ ପକାଇଲା ଯେ ସେମାନେ ମଧ୍ୟ ବେକାବୁ ହୋଇ ମୁସଲ୍‌ମାନ୍‌ଙ୍କ ସହିତ ସଜ୍‌ଦା କରି ତଳେ ପଡିଗଲେ ।

ହଜ୍‌ରତ୍ ମିଆଁ ବଶିର୍ ଅହେମଦ୍ ସାହେବ୍ ର:ଅ ଲେଖୁଛନ୍ତି କି ଏହା କୌଣସି ଆଶ୍ଚର୍ଯ୍ୟ କଥା ନୁହେଁ କାରଣ ଏହିଭଳି ଅବସରରେ ଓ ଏହିପରି ପରିସ୍ଥିତିରେ ବେଳେବେଳେ ମନୁଷ୍ୟର ହୃଦୟ ପ୍ରଭାବିତ ହୋଇଯାଏ ଓ ସେ ଅଚାନକ ଏପରି ଆଚରଣ କରି ବସେ ଯାହା ବାସ୍ତବରେ ତା ସିଦ୍ଧାନ୍ତ ଉସୁଲ୍ ଏବଂ ତା ଧର୍ମର ବିରୋଧ ହୋଇଥାଏ । ସୁତରାଂ ଆମେ ଦେଖିଛେ ଯେ ବେଳେବେଳେ ଗୋଟିଏ ଭୀଷଣ ଓ ଅଚାନକ ବିପଦ ପଡିବା ସମୟରେ ଜଣେ ନାସ୍ତିକ ମଧ୍ୟ ଅଲ୍ଲାଃ ଅଲ୍ଲାଃ ବା ରାମ ରାମ କହିଉଠେ । କୁରୈଶ୍ ତ ନାସ୍ତିକ ନଥିଲେ ବରଂ ସେ ଇଶ୍ୱରଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ  ଆଣିଥିଲେ । ଯଦିଚ ସେମାନେ ପ୍ରତିମା ଗୁଡିକୁ ତା ସହିତ ସମକକ୍ଷ କରୁଥିଲେ । ଆଜିକାଲି ମଧ୍ୟ ଆମେ ଦେଖୁଛେ ଏବଂ ଅନେକ ନାସ୍ତିକମାନଙ୍କ ସହିତ କଥା ହେଉଛେ । ଯେତେବେଳେ ଆମେ ତାଙ୍କୁ ପଚାରୁଛେ ଯେ ଯଦି ତୁମ ସହିତ କୌଣସି ଏପରି ପରିସ୍ଥିତି ସୃଷ୍ଟି ହୋଇଯାଏ ସେତେବେଳେ ଅଚାନକ ଖୁଦାଙ୍କ ନାମ ତୁମ ମନ ଭିତରେ ଆସିଯାଉଛି ବା ମୁହଁରୁ ବାହାରି ପଡୁଛି । ଏଥିରେ ସେମାନେ ସ୍ୱୀକାର କରିଥାନ୍ତେ କି ତାହା ଆସିଯାଉଛି । ସେ ଯାହାହେଉ ଉକ୍ତ ସୁରଃଟିର ଶବ୍ଦ ଗୁଡିକ ଓ ମୁସଲ୍‌ମାନ୍ ମାନଙ୍କର କାର୍ଯ୍ୟଶୈଳୀର ପ୍ରଭାବ ଥିଲା ଯେ କୁଫାର୍‌ମାନଙ୍କ ରଇସ୍‌ମାନେ ମଧ୍ୟ ସେ ସମୟରେ ମୁସଲ୍‌ମାନ୍ ମାନଙ୍କ ସହିତ ସଜ୍‌ଦା କରିବାକୁ ଲାଗିଗଲେ ।

ସେ ଯାହାହେଉ ମୁସଲ୍‌ମାନ୍ ମାନଙ୍କର ଜମାତ୍ ତତ୍‌କ୍ଷଣାତ୍ ସଜ୍‌ଦାରେ ପଡିଯିବା ଯୋଗୁ ସେମାନଙ୍କ ଉପରେ ଏପରି ଯାଦୁକରୀ ପ୍ରଭାବ ପଡିଲା ଯେ କୁରୈଶ୍‌ମାନେ ମଧ୍ୟ ତତ୍‌କ୍ଷଣାତ୍ ସଜ୍‌ଦା କରିବାକୁ ଲାଗିଲେ । କିନ୍ତୁ ଏପରି ପ୍ରଭାବ ସାଧାରଣତଃ ସାମହିକ ହୋଇଥାଏ ଏବଂ ମନୁଷ୍ୟ ପୁଣି ଖୁବ୍ ଶିଘ୍ର ନିଜ ଅସଲ ଅବସ୍ଥାକୁ ଫେରିଯାଇଥାଏ । ସୁତରାଂ କୁଫାର୍‌ମାନେ ମଧ୍ୟ ସେହିପରି ନିଜ ଅବସ୍ଥାକୁ ଫେରିଗଲେ । ସେ ଯାହାହେଉ ଏହା ଗୋଟିଏ ଘଟଣା ଥିଲା ଯାହା ସହ୍‌ହି ଆହାଦିଦ୍‌ରୁ ପ୍ରମାଣ ମିଳୁଛି । ବୁଖାରୀରେ ମଧ୍ୟ ଦରଜ ଅଛି । ସୁତରାଂ ଯଦି ମୁହାଜିର୍‌ମାନଙ୍କ ହବ୍‌ଶାରୁ ଫେରିବାର ଖବର ସଠିକ୍ ତେବେ ଏପରି ଜଣାପଡୁଛି ସେହି ଘଟଣା ପରେ କୁରୈଶ୍‌ମାନେ ଯେଉଁମାନେ ହବ୍‌ଶାକୁ ହିଜ୍‌ରତ୍ କରିଥିବା ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ବ୍ୟାକୁଳ ଥିଲେ ଯେ ଏମାନେ କାହିଁକି ଏଠାରୁ ହିଜ୍‌ରତ୍ କରି ଚାଲିଯାଇଛନ୍ତି ଓ ଆମ ହାତ ପାହାନ୍ତାରୁ ବାହାରି ଯାଇଛନ୍ତି । ତେଣୁ ସେମାନେ ନିଜର ଏହି କାର୍ଯ୍ୟକୁ ଆଳ ବନାଇ ନିଜେ ହିଁ ଏ ଗୁଜବ ପ୍ରସିଦ୍ଧ କରାଇଦେଲେ ଯେ ମକ୍କାର କୁରୈଶ୍ ମୁସଲ୍‌ମାନ୍ ହୋଇଯାଇଛନ୍ତି । ତେଣୁ ବର୍ତମାନ ମୁସଲ୍‌ମାନ୍ ମାନଙ୍କ ପାଇଁ ମକ୍କାରେ କୌଣସି ଅସୁବିଧା ନାହିଁ, ବିଲ୍‌କୁଲ୍ ଶାନ୍ତି ରହିଛି । ଏବଂ ଯେତେବେଳେ ଏହି ଗୁଜବ ହବ୍‌ଶାରେ ପହଂଚିଲା ମୁହାଜିର୍‌ମାନେ ସ୍ୱଭାବତଃ ବହୁତ ଖୁସି ହୋଇଗଲେ ଏବଂ ଏକଥା ଶୁଣିବା ମାତ୍ରେ ହିଁ ଖୁସିରେ ବିହ୍ୱଳ ହୋଇ ବିନା ବୁଝାସୁଝାରେ ଫେରିଆସିଲେ । କିନ୍ତୁ ଯେତେବେଳେ ସେମାନେ ମକ୍କାରେ ପହଂଚିଲେ ସେତେବେଳେ ଅସଲ କଥାକୁ ଜାଣିପାରିଲେ । ତେଣୁ କିଛି ଲୁଚିଲୁଚି ଏବଂ ଆଉକିଛି ଲୋକେ କୁରୈଶ୍‌ର ପ୍ରଭାବଶାଳୀ ରହିସ୍‌ଙ୍କ ସୁରକ୍ଷାରେ ରହି ମକ୍କା ଆସିଗଲେ ଏବଂ ଆଉକିଛି ପୁଣି ଫେରି ଚାଲିଗଲେ । ତେଣୁ ଯଦି କୁରୈଶ୍‌ର ମୁସଲ୍‌ମାନ୍ ହୋଇଯିବା ଗୁଜବ କଥାରେ କୌଣସି ସତ୍ୟାସତ୍ୟ ଥିଲା ତେବେ ତାହା କେବଳ ଏତିକି ଯେ ଯେଉଁ ସୁରଃ ନଜମ୍‌ଟିର ତିଲାୱତ୍ କରାଯିବା ପରେ ସଜ୍‌ଦା କରିବା ଘଟଣା ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ସେ ଯାହାହେଉ ଅଲ୍ଲାଃତାଲା ହିଁ ସଠିକ୍ ଜାଣିଛନ୍ତି ।

ଯଦି ହବ୍‌ଶାର ମୁହାଜିର୍‌ମାନେ ଫେରିଆସିଥିଲେ ମଧ୍ୟ କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ପୁଣି ଚାଲିଯାଇଥିଲେ । ଯେହେତୁ କୁରୈଶ୍ ଦିନକୁ ଦିନ ଅତ୍ୟାଚାର କରିବାରେ ବଢ଼ିଯାଇଥିବେ । ତେଣୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶରେ ଅନ୍ୟ ମୁସଲ୍‌ମାନ୍‌ମାନେ ମଧ୍ୟ ଗୁପ୍ତ ଭାବେ ହିଜ୍‌ରତ୍ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ ଏବଂ ମୌକା ପାଇ ଧିରେଧିରେ ବାହାରିଗଲେ । ଏହି ହିଜ୍‌ରତ୍‌ର ସିଲ୍‌ସିଲା ଏପରି ଆରମ୍ଭ ହେଲା ଯେ ପରିଶେଷରେ ହବ୍‌ଶାକୁ ହିଜ୍‌ରତ୍ କରିଥିବା ମୁହାଜିର୍‌ମାନଙ୍କର ସଂଖ୍ୟା ୧୦୧ ପର୍ଯ୍ୟନ୍ତ ପହଂଚିଗଲା । ସେମାନଙ୍କ ମଧ୍ୟରେ ୧୮ଜଣ ମହିଳା ମଧ୍ୟ ଥିଲେ ଏବଂ ମକ୍କାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ବହୁତ କମ୍ ମୁସଲ୍‌ମାନ୍ ବାକି ରହିଗଲେ । ଏହି ହିଜ୍‌ରତ୍‌କୁ କିଛି ଐତିହାସିକମାନେ ଦ୍ୱିତୀୟ ହବ୍‌ଶା ହିଜ୍‌ରତ୍ ନାମରେ ନାମିତ କରିଛନ୍ତି । (ସିରତ୍ ଖାତମୁନ୍ ନବିଇନ୍, ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୧୪୬-୧୪୯)

ପ୍ରଥମେ ଗୋଟିଏ ହିଜ୍‌ରତ୍ ହୋଇଥିଲା ପୁଣି ପରେ ଆଉ ଅନ୍ୟ ଲୋକମାନେ ମଧ୍ୟ ଗଲେ । ଏହିପରି ପରେ ଯେତେବେଳେ ମଦିନା ହିଜ୍‌ରତ୍ କରିବା ପାଇଁ ଅନୁମତି ମିଳିଲା ସେତେବେଳେ ଅବୁ ହୁଜୈଫା ଏବଂ ହଜ୍‌ରତ୍ ସାଲିମ୍ ଯିଏ ହୁଜୈଫାଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ଗୁଲାମ୍ ଥିଲେ, ଦୁଇଜଣଯାକ ମଦିନା ହିଜ୍‌ରତ୍ କରି ଚାଲିଗଲେ । ପ୍ରଥମ ହିଜ୍‌ରତ୍ ତ ସେମାନେ ହବ୍‌ଶା ଆଡକୁ କରିଥିଲେ ଓ ସେ ସମୟରେ ପୁଣି ଲେଉଟି ଆସିଥିଲେ । ଏହାପରେ ଦ୍ୱିତୀୟ ହିଜ୍‌ରତ୍ ସେମାନେ ମଦିନା ଆଡକୁ କଲେ ଯେଉଁଠାରେ ସେହି ଦୁଇଜଣଯାକ ହଜ୍‌ରତ୍ ଅବ୍‌ବାଦ୍ ମିନ୍ ବିଶର୍‌ଙ୍କ ଘରେ ରହିଲେ । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅବୁ ହୁଜୈଫା ଏବଂ ହଜ୍‌ରତ୍ ଅବ୍‌ବାଦ୍ ବିନ୍ ବିଶର୍‌ଙ୍କ ମଧ୍ୟରେ ମୁଆଖାତ୍ କାଏମ୍ କରିଥିଲେ । ଆପୋଶରେ ଭାଇଚାରା ସ୍ଥାପନ କରିଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୬୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)  ହଜ୍‌ରତ୍ ଅବୁ ହୁଜୈଫା ସରିୟା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜହଶ୍‌ରେ ମଧ୍ୟ ସାମିଲ୍ ହୋଇଥିଲେ । (ସିରତେ ଇବ୍‌ନେ ହୁଶାମ୍, ପୃଷ୍ଠା-୨୮୬ ବାବ୍ ସରିୟା ଅବ୍‌ଦୁଲ୍ଲାଃ ବିନ୍ ଜହସ୍, ମୁଦ୍ରଣ ଦାରେ ଇବ୍‌ନେ ହଜମ୍ ବେରୁତ୍ ୨୦୦୯)

ଅବ୍‌ଦୁଲ୍ଲାଃ ବିନ୍ ଜହସ୍‌ଙ୍କର ଯେଉଁ ସରିୟା ଥିଲା ତାହାର ବ୍ୟାଖ୍ୟା ଓ ପ୍ରଚ୍ଛଦପଟ ସମ୍ବନ୍ଧରେ କିଛି ବ୍ୟାଖ୍ୟାନ ଯାହା ସିରତେ ଖାତମୁନ୍ ନବିଇନ୍‌ରେ ବର୍ଣ୍ଣିତ ଅଛି ତାହା ପେଶ୍ କରୁଛି । ମକ୍କାର ଜଣେ ରଇସ୍ କୁର୍‌ଜ୍ ବିନ୍ ଜାବିର୍ ଫୁହ୍‌ରି କୁରୈଶ୍‌ମାନଙ୍କର ଗୋଟିଏ ସୈନ୍ୟଦଳଙ୍କ ସହିତ ଅତ୍ୟନ୍ତ ହୁସିଆରୀ ଦେଖାଇ ମଦିନାର ଚରାଭୂଇଁ ଉପରେ ଅଚାନକ ଆକ୍ରମଣ କରିଦେଲା ଯାହା ସହରଠାରୁ କେବଳ ତିନି ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ଏବଂ ସେ ମୁସଲ୍‌ମାନ୍‌ମାନଙ୍କର ଓଟ ଇତ୍ୟାଦିକୁ ଲୁଟିକରି ନେଇଗଲା । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏ ସମ୍ବନ୍ଧରେ ଏତେଲା ମିଳିଲା ସେତେବେଳେ ଆପଣ ସ:ଆ:ସ ତତ୍‌କ୍ଷଣାତ୍ ଜଏଦ୍ ବିନ୍ ହାର୍‌ସାଙ୍କୁ ନିଜ ପଛରେ ଅମୀର୍ ନିୟୋଜିତ କରି ମୁହାଜିର୍ ମାନଙ୍କ ଗୋଟିଏ ଦଳକୁ ନିଜ ସାଥିରେ ନେଇ ତା ପଛେପଛେ ଅନୁଧାବନ କଲେ ଓ ବଦର୍ ନିକଟରେ ଥିବା ସଫୱାନ ନାମକ ସ୍ଥାନ ପର୍ଯ୍ୟନ୍ତ ଅନୁସରଣ କଲେ । କିନ୍ତୁ ସେ ବଂଚି ଚାଲିଗଲା । ଏହି ଗଜ୍‌ୱାକୁ ଗଜ୍‌ୱାଏ ବଦର୍ ଉଲା (ଅର୍ଥାତ୍ ପ୍ରଥମ ବଦର୍ ଯୁଦ୍ଧ) ମଧ୍ୟ କୁହାଯାଏ । ପୁଣି ଲେଖୁଛନ୍ତି କି କୁରୁଜ୍ ବିନ୍ ଜାବିର୍‌ଙ୍କର ଉକ୍ତ ଆକ୍ରମଣ କୌଣସି ସାଧାରଣ ଗାଉଁଲି ଲୋକଙ୍କ ଆକ୍ରମଣ ସଦୃଶ ନଥିଲା ଅର୍ଥାତ୍ ଯେପରି ଗାଉଁଲି ଲୋକମାନେ ମୁର୍ଖତାର ସହିତ କେବଳ ଚୋରି କରି ଆକ୍ରମଣ କରିଥାନ୍ତେ ବରଂ ନିଶ୍ଚିତ ରୂପେ ସେ କୁରୈଶ୍‌ଙ୍କ ତରଫରୁ ମୁସଲ୍‌ମାନ୍‌ମାନଙ୍କ ବିରୋଧରେ ଏକ ବିଶେଷ କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ଆସିଥିଲା ଏବଂ ସମ୍ଭବତଃ ତାର ନିୟତ୍ ବିଶେଷ ରୂପେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ କ୍ଷତି ପହଂଚାଇବା ପାଇଁ ଥିବ । କିନ୍ତୁ ମୁସଲ୍‌ମାନ୍ ମାନଙ୍କୁ ସତର୍କ ଅବସ୍ଥାରେ ଦେଖି ସେମାନଙ୍କର ଓଟଗୁଡିକୁ ଚୋରାଇ ନେଇ ଚାଲିଗଲା । ଏଥିରୁ ଏହା ମଧ୍ୟ ଜଣାପଡୁଛି ଯେ ମକ୍କାର କୁରୈଶ୍‌ମାନେ ଏକଥା ମନସ୍ଥ କରିନେଇଥିଲେ କି ମଦିନା ଉପରେ ବାରମ୍ବାର ଚଢ଼ାଉ କରି ମୁସଲ୍‌ମାନ୍ ମାନଙ୍କୁ ନିଃଶେଷ କରିଦିଆଯାଉ ।

କୁର୍‌ଜୁ ବିନ୍ ଜାବିର୍‌ଙ୍କ ଅଚାନକ ଆକ୍ରମଣ ଦ୍ୱାରା ମୁସଲ୍‌ମାନ୍‌ମାନେ ସ୍ୱଭାବତଃ ବହୁତ ଭୟଭୀତ ହୋଇଯାଇଥିଲେ ଏବଂ ଯେହେତୁ କୁରୈଶ୍‌ର ରଇସ୍ ମାନଙ୍କ ତରଫରୁ ପୂର୍ବରୁ ଏ ଧମକ ମିଳିଥିଲା ଯେ ଆମେ ମଦିନା ଉପରେ ଚଢ଼ଉ କରିବୁ ଏବଂ ଆକ୍ରମଣ କରି ମୁସଲ୍‌ମାନ୍‌ମାନଙ୍କୁ ବର୍‌ବାଦ୍ କରିଦେବୁ । ତେଣୁ ମୁସଲ୍‌ମାନ୍‌ମାନେ ଭୀଷଣ ଚିନ୍ତାରେ ପଡିଯାଇଥିଲେ । ଏବଂ ସେହି ବିପଦକୁ ଦେଖି ଆଁ ହଜ୍‌ରତ୍ ସ:ଆ:ସ ଏ ମନସ୍ଥ କଲେ କି କୁରୈଶ୍‌ଙ୍କ କାର୍ଯ୍ୟକଳାପକୁ ତା ନିକଟରେ ଯାଇ ଜ୍ଞାନ ହାସଲ କରାଯାଇପାରେ । ଦେଖାଯାଉ ଯେ ସେମାନଙ୍କର କଣ ଯୋଜନା ରହିଛି ଏବଂ ସେମାନେ କି ପ୍ରକାରର ଯୋଜନା ଚଳାଇଛନ୍ତି ଓ ତାହା ଦେଖିବା ପାଇଁ ଏପରି କିଛି ଯୋଗାଡ କରାଯାଉ ଫଳତଃ ତାଙ୍କ ନିକଟତର ହୋଇ ସେମାନଙ୍କର ଅବସ୍ଥାର ଖବର ମିଳୁ ଏବଂ ମଦିନା ଉପରେ ପ୍ରତ୍ୟେକ ପ୍ରକାରର ଆକ୍ରମଣର ଯେଉଁ ବିପଦ ରହିଛି ସେଥିରୁ ସୁରକ୍ଷା ରଖାଯାଉ । ସୁତରାଂ ସେହି ଉଦ୍ଦେଶ୍ୟ ପାଇଁ ଆପଣ ସ:ଆ:ସ ଆଠଜଣ ମୁହାଜିର୍‌ଙ୍କର ଗୋଟିଏ ଦଳ ପ୍ରସ୍ତୁତ କଲେ ଏବଂ ବୁଦ୍ଧିମତାର ସହିତ ସେହି ଦଳରେ ଏପରି ଲୋକମାନଙ୍କୁ ରଖିଲେ ଯେଉଁମାନେ କୁରୈଶ୍‌ର ଭିନ୍ନ ଭିନ୍ନ କବିଲା ସହିତ ସମ୍ପର୍କ ରଖିଥିଲେ । ଯଦ୍ୱାରା କୁରୈଶ୍‌ର ଗୁପ୍ତ ଯୋଜନା ସମ୍ବନ୍ଧରେ ଖବର ହାସଲ କରିବା ପାଇଁ ସହଜ ହୋଇଯିବ । ସେହି ପାର୍ଟିରେ ଆପଣ ସ:ଆ:ସ ନିଜ ପିଉସୀ ପୁଅ ଭାଇ ଅବ୍‌ଦୁଲ୍ଲାଃ ବିନ୍ ଜହଶ୍‌କୁ ଅମୀର୍ ରୂପେ ନିୟୋଜିତ କଲେ । ସେହି ଦଳରେ ଏହି ଅବୁ ହୁଜୈଫା ବିନ୍ ଉତ୍‌ବା ମଧ୍ୟ ସାମିଲ୍ ଥିଲେ । ଏ ଦଳର ଉଦ୍ଦେଶ୍ୟ ସମ୍ବନ୍ଧରେ ସାଧାରଣ ମୁସଲ୍‌ମାନ୍ ମଧ୍ୟ ଅବଗତ ନ ରୁହନ୍ତୁ ଓ କାହାକୁ ଏ ବିଷୟରେ ଜଣା ନପଡୁ ଏକଥା ଭାବି ଆଁ ହଜ୍‌ରତ୍ ସ:ଆ:ସ ଉକ୍ତ ସରିୟାକୁ ପଠାଇ ଏହା ବତାଇଲେନାହିଁ ଯେ ତୁମକୁ କେଉଁଠିକି ଓ କେଉଁ ଉଦ୍ଦେଶ୍ୟରେ ପ୍ରେରଣ କରାଯାଉଅଛି । ବରଂ ଗସ୍ତ କରିବା ସମୟରେ ତାଙ୍କ ହାତରେ ଗୋଟିଏ ମୋହର ଦ୍ୱାରା ବନ୍ଦ୍ ହୋଇଥିବା ଚିଠି ଦେଇଦେଲେ ଅର୍ଥାତ୍ ଚିଠିଟିକୁ ସିଲ୍ କରି ଦେଇ କହିଲେ ଯେ ଏହି ଚିଠିରେ ତୁମପାଇଁ ନିର୍ଦ୍ଦେଶନାମା ରହିଛି । ଯେତେବେଳେ ତୁମେ ମଦିନାର ଅମୁକ ଦିଗରେ ଯାତ୍ରା କରିବ, ଦିଗ ମଧ୍ୟ ବତାଇଦେଲେ, ସେତେବେଳେ ଏହି ଚିଠିଟିକୁ ଖୋଲି ସେଥିରେ ଥିବା ନିର୍ଦ୍ଦେଶ ମୁତାବକ କାର୍ଯ୍ୟ ସମ୍ପାଦନ କରିବ । ସୁତରାଂ ଅବ୍‌ଦୁଲ୍ଲାଃ ଏବଂ ତାଙ୍କ ସାଥିମାନେ ନିଜ ପ୍ରିୟ ମୁନୀବଙ୍କ ନିର୍ଦ୍ଦେଶ ଅନ୍ତର୍ଗତ ଗସ୍ତ କଲେ ଏବଂ ଯେତେବେଳେ ଦୁଇଦିନ ଯାତ୍ରା ଅତିକ୍ରମ କରିସାରିଲେ ଅବ୍‌ଦୁଲ୍ଲାଃ ଆଁ ହଜ୍‌ରତ୍ ସ:ଆ:ସଙ୍କର ସେହି ଚିଠିଟିକୁ ଖୋଲି ଦେଖିଲେ । ସେଥିରେ ଏହି ବାକ୍ୟ ଲେଖାଥିଲା କି ତୁମେମାନେ ମକା ଏବଂ ତାଏଫ୍ ମଧ୍ୟରେ ଥିବା ନଖଲା ନାମକ ୱାଦି (ସମତଳ ଭୂମି)ରେ ପହଂଚି କୁରୈଶ୍‌ଙ୍କ ଅବସ୍ଥା ବିଷୟରେ ଜାଣି ଆମକୁ ଏତେଲା ଦେବ । ଏବଂ ଯେହେତୁ ମକ୍କାର ଏତେ ନିକଟତର ହୋଇ ଖବର ନେବାର କାମ ବହୁତ ସୂକ୍ଷ୍ମ ଓ ଜଟିଳ କାର୍ଯ୍ୟ ଥିଲା (ତେଣୁ) ଆପଣ ସ:ଆ:ସ ଚିଠି ତଳେ ଏ ନିର୍ଦ୍ଦେଶ ମଧ୍ୟ ଲେଖିଦେଇଥିଲେ ଯେ ଏହି ମିଶନ୍ ସମ୍ବନ୍ଧରେ ଜାଣିବା ପରେ ଯଦି ତୁମର କୌଣସି ସାଥି ଏହି ଦଳରେ ସାମିଲ୍ ହୋଇ ରହିବା ପାଇଁ ଅନିଚ୍ଛା ପ୍ରକାଶ କରେ

ଅର୍ଥାତ୍ ଯଦି ସେ ଫେରିଯିବାକୁ ଚାହୁଁଡାଏ ତେବେ ତାକୁ ଫେରି ଯିବାପାଇଁ ଅନୁମତି ରହିଛି । ଅବ୍ଦୁଲ୍ଲାଃ ଆପଣ ସ:ଆ:ସଙ୍କ ହିଦାୟତ୍ ନିଜ ସାଥିମାନଙ୍କୁ ପଢ଼ି ଶୁଣାଇଦେଲେ ଏବଂ ସମସ୍ତେ ଏକଶ୍ୱର ହୋଇ ଖସିର ସହିତ ଏହି ସେବାକୁ ସମ୍ପାଦନ କରବା ପାଇଁ ନିଜକୁ ପେଶ୍ କଲେ ଓ କହିଲେ ଆମେ ହାଜିର୍ ଅଛୁ ।

ତା'ପରେ ସେହି ଦଳଟି ନଖ୍‌ଲା ଆଡକୁ ଗସ୍ତ କଲା । ରାସ୍ତାରେ ସାଆଦ୍ ବିନ୍ ଅବି ୱ୍‌କାସ୍ ଏବଂ ଉତ୍‌ବା ବିନ୍ ଗଜ୍‌ୱାନ୍‌ଙ୍କ ଓଟ ହଜିଗଲା ଓ ସେମାନେ ତାକୁ ଖୋଜି ଖୋଜି ନିଜ ସାଥିମାନଙ୍କଠାରୁ ଅଲଗା ହୋଇଗଲେ ଏବଂ ବହୁତ ଖୋଜିବା ସତ୍ୱେ ମଧ୍ୟ ସେମାନେ ମିଳିଲେ ନାହିଁ । ଏହି ଦଳଟି କେବଳ ଛଅଜଣ ଲୋକଙ୍କ ମଧ୍ୟରେ ସିମୀତ ରହିଗଲା । ମୁସଲ୍‌ମାନ୍ ମାନଙ୍କର ଏହି ଛୋଟିଆ ଦଳଟି ନଖ୍‌ଲାରେ ପହଂଚିଲା ଏବଂ ତାଙ୍କ ଦାୟିତ୍ୱରେ ଥିବା ଖବର ନେବାର କାର୍ଯ୍ୟରେ ଲାଗିଗଲା ଅର୍ଥାତ୍ ମକ୍କାର କୁଫାର୍‌ମାନଙ୍କର କଣ ଇଛା ଅଛି ? ମଦିନା ଉପରେ ଆକ୍ରମଣ କରିବାର ମନସ୍ଥ ତ କରିନାହାଁନ୍ତି ? ବା ବର୍ତମାନ ତାଙ୍କର କଣ ଯୋଜନା ଚାଲିଛି ? ସେମାନଙ୍କ ମଧ୍ୟରୁ କିଛି ଲୋକ ଚିହ୍ନା ନ ପଡିବା ଯୋଗୁ ନିଜ ମୁଣ୍ଡବାଳକୁ ଲଣ୍ଡା କରିଦେଲେ । ଯଦ୍ୱାରା ରାସ୍ତାରେ ଯିବା ଆସିବା କରୁଥିବା ଲୋକେ ଭାବିବେ ଯେ ଏମାନେ ଉମ୍‌ରା କରିବାକୁ ଆସିଛନ୍ତି, ତେଣୁ କୌଣସି ପ୍ରକାର ସନ୍ଦେହ କରିବେ ନାହିଁ । ତେଣୁ ସେମାନେ ନିଜ ମୁଣ୍ଡବାଳକୁ ଲଣ୍ଡା କରିଦେଲେ ।

କହୁଛନ୍ତି- ଏବେ ତାଙ୍କୁ ସେଠାରେ ପହଂଚିବାର କିଛି ଦିନ ହିଁ ବିତିଥିଲା ଯେ ଅଚାନକ କୁରୈଶ୍‌ର ଗୋଟିଏ ଛୋଟିଆ କାଫିଲା ମଧ୍ୟ ପହଂଚିଲା ଯିଏ ତାଏଫ୍‌ରୁ ମକ୍କା ଆଡକୁ ଯାଉଥିଲା । ଏବଂ ଦୁଇଜଣ ଯାକ ସାମନା ସାମନି ହୋଇଗଲେ । ସେମାନେ ଜାଣିପାରିଲେ ଯେ ଏମାନେ ହେଉଛନ୍ତି ମୁସଲ୍‌ମାନ୍ । ତେଣୁ ସେମାନେ ଏମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ମନସ୍ଥ କରିନେଲେ । ମୁସଲ୍‌ମାନ୍‌ମାନେ ଆପୋଷରେ ଏ ପରାମର୍ଶ କଲେ କି ବର୍ତମାନ କଣ କରିବା ଠିକ୍ ହେବ । କାରଣ ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କୁ ଗୁପ୍ତ ଖବର ଆଣିବା ପାଇଁ ପଠାଇଥିଲେ । ଅନ୍ୟପଟେ କୁରୈଶ୍‌ଙ୍କ ସହିତ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା ଏବଂ ବର୍ତମାନ ଏହି ଦୁଇଗୋଟିଏ ଶତୃଦଳ ଆମ୍‌ନା ସାମ୍‌ନା ଅଛନ୍ତି ଏବଂ ସ୍ୱଭାବତଃ ଏ ଆଶଙ୍କା ମଧ୍ୟ ଥିଲା ଯେ ଏବେ କୁରୈଶ୍‌ର ଯେଉଁ କାଫିଲା ଥିଲା ସେମାନେ ମୁସଲ୍‌ମାନମାନଙ୍କୁ ଦେଖିସାରିଛନ୍ତି । ତେଣୁ ଏହି ଖବର ବର୍ତମାନ ଆଉ ଗୁପ୍ତଭାବେ ରହିପାରିବ ନାହିଁ । ଆଉଗୋଟିଏ ଅସୁବିଧା ଏହା ମଧ୍ୟ ଥିଲା କି କିଛି ମୁସଲ୍‌ମାନ୍ ମାନଙ୍କର ଏ ଧାରଣା ଥିଲା ଯେ ବୋଧହୁଏ ଏ ଦିନଟି ରଜବର ଦିନ ଅର୍ଥାତ୍ ହରାମ୍ ମାସର ଶେଷ ଦିନ ଯେଉଁଥିରେ ଆରବର ପୁରୁଣା ପ୍ରଥା ମୁତାବକ ଲଢ଼େଇ କରିବା ଉଚିତ୍ ନଥିଲା ଏବଂ କିଛି ଲୋକଙ୍କର ଏ ଧାରଣା ଥିଲା କି ରଜବ୍ ମାସ ବିତିଯାଇ ଶୋବାନ୍ ଆରମ୍ଭ ହୋଇଗଲାଣି ବୋଲି । ଏବଂ କିଛି ରିୱାୟତ୍‌ରେ ଏହା ମଧ୍ୟ ବର୍ଣ୍ଣନା ଅଛି କି ସେହି ସରିୟାଟି ଜମାଦିଲ୍ ଆଖିର୍‌ରେ ପଠାଯାଇଥିଲା ଓ ଏହା ସନ୍ଦେହ ଥିଲା କି ତାହା ଜମାଦିର ଦିନ ବା ରଜବର ଦିନ ? କିନ୍ତୁ ଅନ୍ୟପଟେ ନଖ୍‌ଲାର ସମତଳ ଭୂମି ମଧ୍ୟ ହରମ୍ ଇଲାକାର ବିଲ୍‌କୁଲ୍ ସୀମା ଉପରେ ହିଁ ଅବସ୍ଥିତ ଥିଲା । ତେଣୁ ଏକଥା ନିଶ୍ଚିତ ଥିଲା ଯେ ଯଦି ଆଜି କୌଣସି ପ୍ରକାରର ନିଷ୍ପତି ନ ନିଆଯାଏ ତେବେ ଆସନ୍ତା କାଲି ଏହି କାଫେଲାଟି ହରମ୍ ଇଲାକାରେ ଦାଖିଲ୍ ହୋଇଯିବ ଯେଉଁଠାରେ ହୁର୍‌ମତ୍ (ସବୁ ପ୍ରକାରର ଲଢ଼େଇ ଝଗଡା ମନା) ନିଶ୍ଚିତ ହେବ ।

ସୁତରାଂ ଏହି ସବୁ କଥା ଗୁଡିକ ଚିନ୍ତା କରି ଉକ୍ତ ଛଅଜଣ ମୁସଲ୍‌ମାନ୍ ଏ ନିଷ୍ପତି କଲେ କି କାଫିଲା ଉପରେ ଆକ୍ରମଣ କରି କାଫିଲାର ଲୋକମାନଙ୍କୁ ବନ୍ଦୀ କରିଦିଆଯାଉ ବା ସେ ସମସ୍ତଙ୍କୁ ମାରିଦିଆଯାଉ । ସୁତରାଂ ସେମାନେ ଅଲ୍ଲାଃଙ୍କ ନାମ ନେଇ ଆକ୍ରମଣ କରିଦେଲେ । ଫଳତଃ କୁଫାର୍‌ଙ୍କର ଜଣେ ଲୋକ ଯାହାଙ୍କ ନାମ ଉମ୍‌ରୋ ବିନ୍ ଅଲ୍ ହଜ୍‌ରମୀ ଥିଲା, ତାଙ୍କୁ ମାରିଦିଆଗଲା ଏବଂ ଦୁଇଜଣ ଲୋକଙ୍କୁ ବନ୍ଦୀ କରିନିଆଗଲା । କିନ୍ତୁ ଚତୁର୍ଥ ବ୍ୟକ୍ତିଜଣକ ବଂଚି ପଳାଇଗଲା ଓ ମୁସଲ୍‌ମାନ୍‌ମାତେ ତାକୁ ଧରି ପାରିଲେ ନାହିଁ । ଏହିପରି ସେମାନଙ୍କର ଯେଉଁ ଯୋଜନା ଥିଲା କି ସେମାନଙ୍କୁ ବନ୍ଦୀ କରି ଦିଆଯାଉ ବା ମାରିଦିଆଯାଉ, ତାହା ସଫଳ ହେଉ ହେଉ ଅସଫଳ ହୋଇଗଲା । ଏହାପରେ ମୁସଲ୍‌ମାନ୍‌ମାନେ କାଫିଲାର ସାମାନ୍ ଉପରେ କବ୍‌ଜା କରିନେଲେ ଏବଂ ଯେହେତୁ କୁରୈଶ୍‌ର ଜଣେ ଲୋକ ବଂଚି ଚାଲିଯାଇଥିଲା ଏବଂ ଏହା ନିଶ୍ଚିତ ଥିଲା ଯେ ଉକ୍ତ ଲଢ଼େଇର ଖବର ଖୁବ୍ ଶିଘ୍ର ମକ୍କାରେ ପହଂଚିଯିବ ତେଣୁ ଅବ୍‌ଦୁଲ୍ଲାଃ ବିନ୍ ଜହସ୍ ଏବଂ ତାର ସାଥିମାନେ ଗନିମତ୍‌ର ସାମାନ୍ ଧରି ଶିଘ୍ରଶିଘ୍ର ମଦିନା ଫେରିଗଲେ ।

ପାଶ୍ଚାତ୍ୟର ଇସ୍‌ଲାମୀୟ ବିରୋଧି ବୁଦ୍ଧିଜିବୀମାନେ ମଧ୍ୟ ଏ ଆରୋପ ଲଗାଉଛନ୍ତି ଯେ ଦେଖ ଏମାନଙ୍କୁ ଜାଣିଶୁଣି ପଠାଯାଇଥିଲା, କାଫିଲା ଉପରେ ଯେଉଁ ଆକ୍ରମଣ କରାଗଲା ତାହା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ସେ ଯାହା ହେଉ ପ୍ରକୃତ କଥା ହେଉଛି କି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଯେତେବେଳେ ଏ ବିଷୟ ଜଣାପଡିଲା ଯେ ସାହାବାମାନେ କାଫିଲା ଉପରେ ଆକ୍ରମଣ କରିଥିଲେ ବୋଲି ଏଥିରେ ଆପଣ ସ:ଆ:ସ ଭୀଷଣ ନାରାଜ ହେଲେ । ସୁତରାଂ ରିୱାୟତ୍‌ରେ ଆସୁଛି ଯେ ଯେତେବେଳେ ଏହି ଦଳଟି ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହେଲେ ଆପଣ ସ:ଆ:ସଙ୍କ ସମସ୍ତ ଘଟଣାର ବିଷୟବସ୍ତୁ ଜଣାଇଲେ ସେତେବେଳେ ଆପଣ ସ:ଆ:ସ ଭୀଷଣ ନାରାଜ ହୋଇ କହିଲେ କି ମୁଁ ତୁମକୁ ହରାମ୍ ମାସରେ ଲଢ଼ିବା ପାଇଁ ଅନୁମତି ଦେଇନଥିଲି ଏବଂ ପୁଣି ଆପଣ ସ:ଆ:ସ ମାଲେ ଗନିମତ୍ ନେବାକୁ ଅସ୍ୱୀକାର କରିଦେଲେ ଯେ ଏଥି ମଧ୍ୟରୁ କିଛି ମଧ୍ୟ ନେବି ନାହିଁ । ଏକଥା ଶୁଣି ଅବ୍‌ଦୁଲ୍ଲାଃ ଏବଂ ତାଙ୍କ ସାଥିମାନେ ଭୀଷଣ ଲଜ୍ଜିତ ହେଲେ ଓ ସେମାନେ ଏହା ଭାବିନେଲେ ଯେ ବହୁତ ହୋଇଗଲା । ଏବେ ଆମେ ଖୁଦା ଏବଂ ତା ରସୁଲ୍‌ଙ୍କ ଅପ୍ରସନ୍ନତା ଯୋଗୁ ନିଃଶେଷ ହୋଇଗଲୁ । ସେମାନଙ୍କ ମଧ୍ୟରେ ବହୁତ ବଡ ଭୟ ସୃଷ୍ଟି ହେଲା । ଅନ୍ୟ ସାହାବାମାନେ ମଧ୍ୟ ସେମାନଙ୍କର ନିନ୍ଦା କଲେ । ମଦିନାରେ ଯେଉଁ ସାହାବାମାନେ ଥିଲେ ସେମାନେ ମଧ୍ୟ ଏକଥା କହିଲେ ଯେ ତୁମେମାନେ ଏପରି କାର୍ଯ୍ୟ କରିଛ ଯାହାର ନିର୍ଦ୍ଦେଶ ତୁମକୁ ଦିଆଯାଇନଥିଲା ଏବଂ ତୁମେ ହରାମ୍ ମାସରେ ଯୁଦ୍ଧ କରିଛ । ଯେଉଁମାସ ଗୁଡିକରେ ଯୁଦ୍ଧ କରାଯାଇନଥାଏ ସେହି ମାସରେ ତୁମେମାନେ ଯୁଦ୍ଧ କରିଛ ।

ଅନ୍ୟପଟେ କୁରୈଶ୍‌ମାନେ ମଧ୍ୟ ହୋ ହଲା କଲେ କି ମୁସଲ୍‌ମାନ୍‌ମାନେ ହରାମ୍ ମାସରେ ହୁର୍‌ମତ୍‌କୁ ଭାଙ୍ଗିଦେଇଛନ୍ତି ଓ ଯେହେତୁ ଯେଉଁ ବ୍ୟକ୍ତିଜଣକୁ ମାରି ଦିଆଯାଇଥିଲା ଅର୍ଥାତ୍ ଉମ୍‌ରୋ ବିନ୍ ଅଲ୍ ହଜ୍‌ରମି, ସେ ଜଣେ ରଇସ୍ ବ୍ୟକ୍ତି ଥିଲା ଏବଂ ପୁଣି ମକ୍କାର ରଇସ୍ ଉତ୍‌ବା ବିନ୍ ରବ୍‌ବିୟାଙ୍କର ସେ ବନ୍ଧୁ ମଧ୍ୟ ଥିଲା । ତେଣୁ ସେ ସମୟରେ ଉକ୍ତ ଘଟଣାଟି କୁରୈଶ୍‌ଙ୍କ ମଧ୍ୟରେ କ୍ରୋଧକୁ ଆହୁରି ଅଧିକା ଉସୁକାଇ ଦେଲା । ଫଳତଃ ସେମାନେ ପୂର୍ବଠାରୁ ବଳି ଅଧିକା ଉତ୍ସାହିତ ହୋଇ ମଦିନା ଉପରେ ଆକମ୍ରଣ କରିବାର ପ୍ରସ୍ତୁତି ଆରମ୍ଭ କରିଦେଲେ । ସେ ଯାହାହେଉ ଉକ୍ତ ଘଟଣା ସମ୍ବନ୍ଧରେ ମୁସଲ୍‌ମାନ୍ ଏବଂ କୁଫାର୍ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ଏଣୁତେଣୁ କଥାର ଚର୍ଚ୍ଚା ହେବାକୁ ଲାଗିଲା । ଏକଥା ଚାଲିଥିଲା ଯେ ଦେଖନ୍ତୁ କିପରି ହୁର୍‌ମତ୍‌ର ମାସରେ ସେମାନେ ଆକ୍ରମଣ କରିଛନ୍ତି । ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ସିରତ୍ ଖାତମୁନ୍ ନବୀଇନ୍‌ରେ ଲେଖୁଛନ୍ତି କି ପରିଶେଷରେ ନିମ୍ନଲିଖିତ କୋରାନ୍‌ର ବାଣୀ ଅବତୀର୍ଣ୍ଣ ହୋଇ ମୁସଲ୍‌ମାନ୍ ମାନଙ୍କର ଶାନ୍ତ୍ୱନାର କାରଣ ହେଲା । *ଯସ୍‌ଅଲୁନକା ଅନିଶ୍ ଶହ୍‌ରିଲ୍ ହରାମି କିତାଲିନ୍ ଫିହି କୁଲ୍ କିତାଲୁନ୍ ଫିହି କବିର୍ ୱସଦ୍ଦୁନ୍ ଅନ୍ ସବିଲିଲ୍ଲାହି ୱକୁଫୁରୁମ୍ ବିହି ୱଲ୍ ମସ୍‌ଜିଦିଲ୍ ହରାମି ୱ ଇଖ୍‌ରାଜୁ ଅହଲିହି ମିନ୍‌ହୁ ଅକ୍‌ବରୁ ଇନ୍ଦଲାହି ୱଲ୍ ଫିତ୍‌ନତୁ ଅକ୍‌ବରୁ ମିନଲ୍ କତ୍‌ଲେ ୱଲା ଯଜାଲୁନା ଯୁକାତିଲୁନକୁମ୍ ହତ୍‌ତା ଯରୁଦ୍ଦୁକୁମ୍ ଅନ୍‌ଦିନୀକୁମ୍ ଇନିସ୍‌ତତାଉ* (ବକ୍‌ରାଃ: ୨୧୮) ଅର୍ଥାତ୍ ଏ ଲୋକମାନେ ମର୍ଯ୍ୟାଦାପୂର୍ଣ୍ଣ ମାସରେ ଯୁଦ୍ଧ କରିବା ସଂକ୍ରାନ୍ତରେ ତୁମକୁ ପ୍ରଶ୍ନ କରୁଛନ୍ତି । ତୁମେ କୁହ, ''ଏଥି ମଧ୍ୟରେ ଯୁଦ୍ଧ କରିବା ଏକ ଗହୀର୍ତ କାର୍ଯ୍ୟ; ଏବଂ ଅଲ୍ଲାଃଙ୍କ ପଥରୁ ନିବୃତ କରିବା ଓ ତାହାଙ୍କୁ (ଅର୍ଥାତ୍ ଅଲ୍ଲାଃଙ୍କୁ) ଏବଂ ମର୍ଯ୍ୟାଦାପୂର୍ଣ୍ଣ ମସ୍‌ଜିଦ୍‌କୁ ଅସ୍ୱୀକାର କରିବା, ସେଠାକାର ନିବାସୀ ମାନଙ୍କୁ ତହିଁରୁ ବିତାଡିତ କରିବା ଅଲ୍ଲାଃଙ୍କ ନିକଟରେ (ଏହାଠାରୁ ମଧ୍ୟ) ଅଧିକ ଗହୀର୍ତ କାର୍ଯ୍ୟ ଅଟେ;ଉପଦ୍ରବ (ଓ ବିଶୃଙ୍ଖଳା) ହତ୍ୟା ଅପେକ୍ଷା ଗୁରୁତ୍ୱର (ପାପ)ଅଟେ;'' । ଏବଂ ଏମାନଙ୍କର ଶକ୍ତି ଥିଲେ ଏମାନେ ତୁମମାନଙ୍କୁ ତୁମମାନଙ୍କ (ଧର୍ମ) ବିଶ୍ୱାସରୁ ଫେରାଇ ନଆଣିବା ପର୍ଯ୍ୟନ୍ତ ଯୁଦ୍ଧ କରୁଥିବେ ।

ସୁତରାଂ ଇତିହାସରୁ ଏହା ପ୍ରମାଣ ହେଉଛି ଯେ ଇସ୍‌ଲାମ ବିରୋଧରେ କୁରୈଶ୍‌ର ରଇସ୍‌ମାନେ ନିଜର ଖୁନୀ ପ୍ରପଗଣ୍ଡାକୁ ହରମ୍ ମାସରେ ମଧ୍ୟ ବରାବର ଜାରି ରଖିଥିଲେ । ଏହିପରି ମର୍ଯ୍ୟାଦା ମୂଳକ ଯେତେମାସ ଥିଲା ସେଥିରେ ହତ୍ୟାକାଣ୍ଡ ଜାରି ରଖିଥିଲେ । ବରଂ ସେହି ମାସ ଗୁଡିକରେ ଅର୍ଥାତ୍ ମର୍ଯ୍ୟାଦାପୂର୍ଣ୍ଣ ମାସ ଗୁଡିକରେ ଜନଗହଳି ଏବଂ ଯାତ୍ରାର ଲାଭ ଉଠାଇ ସେମାନେ ଉକ୍ତ ମାସଗୁଡିକରେ ନିଜର ବିଭ୍ରାଟମୂଳକ କାର୍ଯ୍ୟକ୍ରମରେ ଆହୁରି ଅଧିକା ଆଗେଇ ଯାଉଥିଲେ । ଏବଂ ଅତ୍ୟନ୍ତ ନିର୍ଲଜତାର ସହିତ ମନକୁ ମିଥ୍ୟା ଶାନ୍ତ୍ୱନା ଦେଇ ସେମାନେ ସେହି ସମ୍ମାନିତ ମାସଗୁଡିକୁ ନିଜ ସ୍ଥାନରୁ ଏପଟସେପଟ କରିଦେଉଥିଲେ ଯେପରି ସେମାନେ ନସିଇ ନାମରେ ଡାକୁଥିଲେ । ମୁସଲ୍‌ମାନ୍‌ମାନଙ୍କ ସହିତ ସେମାନେ ଫତାହ୍ ମକ୍କା (ମକ୍କା ବିଜୟ) ପର୍ଯ୍ୟନ୍ତ ଏହିପରି ବ୍ୟବହାର ଜାରି ରଖିଥିଲେ ବରଂ ସୀମା ପାର୍ କରିଯାଇଥିଲେ । ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଏ ଭାଷା ବ୍ୟବହାର କରିଛନ୍ତି କି ସେମାନେ ଗଜବ୍ କରିଦେଇଥିଲେ ଅର୍ଥାତ୍ ସୁଲାହ୍ ହୃଦବିୟା ସମୟରେ ଦୃଢ଼ ପ୍ରତିଶୃତି କରିବା ସତ୍ୱେ ମଧ୍ୟ ମକ୍କାର କୁଫାର୍‌ମାନେ ସେମାନଙ୍କ ସାଥିମାନଙ୍କ ସହିତ ହରମ୍ ଇଲାକାରେ ମୁସଲ୍‌ମାନ୍‌ମାନଙ୍କର ଗୋଟିଏ ବନ୍ଧୁ କବିଲାର ବିରୋଧରେ ତରବାରି ଚାଳନା କଲେ ଏବଂ ପୁଣି ଯେତେବେଳେ ମୁସଲ୍‌ମାନ୍‌ମାନେ ସେହି କବିଲାକୁ ସାହାଯ୍ୟ କରିବା ପାଇଁ ବାହାରିଲେ ସେତେବେଳେ ମଧ୍ୟ କୁଫାରମାନେ ମୁସଲ୍‌ମାନ୍‌ମାନଙ୍କ ବିରୋଧରେ ହରମ୍ ଇଲାକାରେ ତରବାରି ବ୍ୟବହାର କଲେ । ସୁତରାଂ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଯେଉଁ ଉତର ଅବତୀର୍ଣ୍ଣ କରିଛନ୍ତି ତାହା ମୁସଲ୍‌ମାନ୍ ମାନଙ୍କ ଶାନ୍ତ୍ୱନା ପାଇଁ ଥିଲା । ଏହାଦ୍ୱାରା କୁରୈଶ୍ ମଧ୍ୟ କିଛି ଶୀତଳ ପଡିଗଲେ ।

ଓ ଏହି ଅବଧିରେ ସେମାନଙ୍କର କିଛି ଲୋକେ ମଧ୍ୟ ନିଜର ଦୁଇଜଣ କଏଦୀଙ୍କୁ ମୁକ୍ତ କରିବା ପାଇଁ ମଦ୍ଦିନାରେ ଆସି ପହଂଚିଲେ । ଯେଉଁ ଦୁଇଜଣ କଏଦୀଙ୍କୁ ସେମାନେ ନେଇ ଆସିଥିଲେ ସେମାନଙ୍କୁ ଆଁ ହଜ୍‌ରତ୍ ସ:ଆ:ସ ସେପର୍ଯ୍ୟନ୍ତ ନଛାଡିବା ପାଇଁ ମନା କରିଦେଲେ ଯେପର୍ଯ୍ୟନ୍ତ ସାଆଦ୍ ବିନ୍ ୱ୍‌କାସ୍ ଏବଂ ଉତ୍‌ବା ଫେରି ନଆସିଛନ୍ତି ଯାହାଙ୍କ ଓଟ ହଜିଯାଇଥିଲା ଓ ସେମାନେ ଏପର୍ଯ୍ୟନ୍ତ ଫେରି ଆସିପାରିନଥିଲେ । ତେଣୁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ତାଙ୍କ ସମ୍ବନ୍ଧରେ ଏ ଆଶଙ୍କା ଥିଲା କି ଯଦି ସେହି ଦୁଇଜଣ କୁରୈଶ୍‌ମାନଙ୍କ ହାତରେ ଧରା ପଡନ୍ତି ତେବେ କୁରୈଶ୍ ତାଙ୍କୁ ଜୀବନ୍ତ ଛାଡିବେ ନାହିଁ । ଯେତେବେଳେ କାଫିର୍ କଏଦୀ ମାନଙ୍କୁ ନେବାପାଇଁ ଆସିଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ଯେପର୍ଯ୍ୟନ୍ତ ଆମର ଦୁଇଜଣ ଲୋକ ଫେରି ନଆସିଛନ୍ତି ସେପର୍ଯ୍ୟନ୍ତ ତୁମ କଏଦୀମାନଙ୍କୁ ଛାଡିବି ନାହିଁ । ଏବଂ କହିଲେ ଯେ ମୋର ଲୋକେ ଠିକ୍ ଠାକ୍ ମଦିନା ପହଂଚିଯିବେ ତେବେ ଯାଇ ମୁଁ ତୁମ ଲୋକଙ୍କୁ ଛାଡିବି । ସୁତରାଂ ଯେତେବେଳେ ସେହି ଦୁଇଜଣ ପହଂଚିଗଲେ ଏଥିରେ ଆପଣ ସ:ଆ:ସ ଫିଦ୍ଦିୟା ନେଇ ଦୁଇଜଣ କଏଦୀଙ୍କୁ ଛାଡିଦେଲେ କିନ୍ତୁ ସେହି କଏଦୀ ମାନଙ୍କ ମଧ୍ୟରେ ଜଣକ ଉପରେ ମଦିନାରେ ରହଣି ସମୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉତମ ଚରିତ୍ର ଏବଂ ଇସ୍‌ଲାମୀୟ ଶିକ୍ଷାର ସତ୍ୟତାର

ପ୍ରଭାବ ଏତେମାତ୍ରାରେ ପଡିଥିଲା ଯେ ସେ ସ୍ୱାଧୀନ ହେବା ସତ୍ୱେ ମଧ୍ୟ ଫେରିଯିବା ପାଇଁ ମନା କରିଦେଲା ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ହାତରେ ଇସ୍‌ଲାମ୍ ଗ୍ରହଣ କରି ମୁସଲ୍‌ମାନ୍ ହୋଇ ଆପଣ ସ:ଆ:ସଙ୍କ ସମ୍ପ୍ରଦାୟରେ ସାମିଲ୍ ହୋଇଗଲା ଓ ସେ ପରିଶେଷରେ ବୈରେ ମାଉନାଠାରେ ଶହୀଦ୍ ହେଲେ । ତାଙ୍କ ନାମ ହକମ୍ ବିନ୍ କୈସାନ୍ ଥିଲା । (ସିରତ୍ ଖାତମୁନ୍ ନବିଇନ୍, ସଂକଳକ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୩୩୦-୩୩୪) ଯଦି ଅତ୍ୟାଚାର ଦ୍ୱାରା ବା ଜୋର୍ ଜବର୍‌ଦସ୍ତି ତାଙ୍କୁ ମୁସଲ୍‌ମାନ୍ ବନାଯାଇଥାଆନ୍ତା ତେବେ ଏଭଳି ଇସ୍‌ଲାମ୍ ସେ ଗ୍ରହଣ କରିନଥାନ୍ତେ ।

ଅବୁ ହୁଜୈଫାଙ୍କ ସମ୍ୱନ୍ଧରେ ଏହା ମଧ୍ୟ ଆସୁଛି କି ବଦର୍ ଯୁଦ୍ଧ ଦିନ ସେ ତାଙ୍କ ବାପାଙ୍କ ମୁକାବିଲାରେ ଆଗକୁ ବଢ଼ିଲେ କାରଣ ତାଙ୍କ ବାପା ମୁସଲ୍‌ମାନ୍ ନଥିଲେ ଓ ସେ କାଫିର୍‌ମାନଙ୍କ ସହିତ ଆସିଥିଲେ । ତେଣୁ ଆଁ ହଜ୍‌ରତ୍ ସ:ଆ:ସ ଏହା କରିବା ପାଇଁ ତାଙ୍କୁ ରୋକିଦେଲେ ଏବଂ କହିଲେ ଯେ ତାଙ୍କୁ (ଅର୍ଥାତ୍ ତୁମ ବାପାଙ୍କୁ) ଛାଡିଦିଅ । ଆଉକେହି ତାଙ୍କୁ ହତ୍ୟା କରିଦେବେ । ଆଉ କାହାକୁ ତାଙ୍କ ସହିତ ଲଢ଼ିବାକୁ ଦିଅ । ସୁତରାଂ ତାଙ୍କ ବାପା, ଚାଚା, ଭାଇ ଏବଂ ତାଙ୍କ ପୁତୁରାକୁ ହତ୍ୟା କରିଦିଆଗଲା । ସେହି ବଦର୍ ଯୁଦ୍ଧରେ ସେମାନେ ସମସ୍ତେ ହତ୍ୟା ହେଲେ ଏବଂ ହଜ୍‌ରତ୍ ଅବୁ ହୁଜୈଫା ବହୁତ ଧୈର୍ଯ୍ୟ ଧରିଲେ ଏବଂ ଅଲ୍ଲାଃତାଲାଙ୍କ ଇଛାରେ ରାଜି ହୋଇ ଅଲ୍ଲାଃତାଲାଙ୍କର ସେହି ସାହାଯ୍ୟ ନିମନ୍ତେ ଧନ୍ୟବାଦ ଜଣାଇଲେ ଯାହା ସେ (ଅର୍ଥାତ୍ ଅଲ୍ଲାଃତାଲା) ରସୁଲୁଲ୍ଲାଃ ସ:ଆ:ସଙ୍କ ହକ୍‌ରେ ପ୍ରକାଶ କରିଥିଲେ ଅର୍ଥାତ୍ ବିଜୟ ପ୍ରଦାନ କରିଥିଲେ । (ତସ୍‌ବିତୁ ଦଲାଇଲୁନ୍ ନବୁଓ୍ୱତା ଲେଖକ ଅବ୍‌ଦୁଲ୍ ଜବ୍‌ବାର୍, ଖଣ୍ଡ-୨, ପୃଷ୍ଠା-୫୮୫ ଦାରୁଲ୍ ଆରବିୟା ବେରୁତ୍)

ଏହି ଘଟଣା ସମ୍ୱନ୍ଧରେ ଆଉଗୋଟିଏ ରିଓ୍ୱାୟତ୍ ମଧ୍ୟ ମିଳୁଛି ଯେ ଇବ୍‌ନେ ଅବ୍‌ବାସ୍ ରିଓ୍ୱାୟତ୍ କରୁଛନ୍ତି କି ବଦର୍ ଯୁଦ୍ଧ ଦିନ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ତୁମମାନଙ୍କ ମଧ୍ୟରୁ ଯାହାଙ୍କ ମୁକାବିଲା ଅବ୍‌ବାସ୍‌ଙ୍କ ସହିତ ହେବ ସେ ତାଙ୍କୁ ହତ୍ୟା କରିବ ନାହିଁ କାରଣ ସେ (ଅର୍ଥାତ୍ ଅବ୍‌ବାସ୍) ବିବସ ହୋଇ ବାହାରିଛନ୍ତି । ତାଙ୍କୁ ବନ୍ଦୀ କରିନେବ, ହତ୍ୟା କରିବ ନାହିଁ । ଯେତେବେଳେ ତାଙ୍କ ନିକଟରେ ଏକଥା ପହଂଚିଲା ଅର୍ଥାତ୍ କେହି ତାଙ୍କୁ ଯେତେବେଳେ ଏକଥା କହିଲେ ଏଥିରେ ହଜ୍‌ରତ୍ ହୁଜୈଫା ଆଁ ହଜ୍‌ରତ୍ ସ:ଆ:ସଙ୍କ ମୁହଁ ଉପରେ ତ ଏକଥା କହିଲେ ନାହିଁ ବରଂ କୌଣସି ଜଣେ ସାଥିଙ୍କୁ କହିଲେ ଯେ କଣ ଆମେ ନିଜ ବାପା, ଭାଇ ଏବଂ ବନ୍ଧୁବାନ୍ଧବମାନଙ୍କୁ ତ ହତ୍ୟା କରିବୁ କିନ୍ତୁ ଅବ୍‌ବାସ୍‌କୁ ଛାଡିଦେବୁ । ଏହା କି ପ୍ରକାର କଥା ? ଖୁଦାଙ୍କ ରାଣଃ ! ଯଦି ମୋ ସମ୍ମୁଖରେ ଆସିବେ ତେବେ ମୁଁ ନିଶ୍ଚିତ ରୂପେ ତାଙ୍କ ଉପରେ ତରଓ୍ୱାରି ଚଳାଇବି । ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ଯେତେବେଳେ ଏକଥା ପହଂଚିଲା ସେତେବେଳେ ଆପଣ ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ ଯେ ହେ ଅବା ହଫସ୍ ! ହେ ଅବୁ ହଫସ୍ ! ଖୁଦାଙ୍କ ରସୁଲ୍‌ଙ୍କ ଚାଚାଙ୍କ ମୁହଁ ଉପରେ ତରବାରି ଚାଳନା କରାଯିବ ! ହଜ୍‌ରତ୍ ଉମର୍ ର:ଅ ବର୍ଣ୍ଣନା କରୁଛନ୍ତି କି ଏହା ପ୍ରଥମ ଅବସର ଥିଲା କି ରସୁଲୁଲ୍ଲାଃ ସ:ଆ:ସ ମୋତେ ଅବୁ ହଫସ୍ କୁନିୟତ୍ ପ୍ରଦାନ କଲେ । ହଜ୍‌ରତ୍ ଉମର କହିଲେ- ହେ ଅଲ୍ଲାଃଙ୍କ ରସୁଲ୍ ! ମୋତେ ଅନୁମତି ଦିଅନ୍ତୁ କି ମୁଁ ତରବାରି ସାହାଯ୍ୟରେ ତା ମୁଣ୍ଡ କାଟିଦେବି । ଈଶ୍ୱରଙ୍କ ରାଣ ! ତା ମଧ୍ୟରେ କପଟାଚାରୀ ମିଳୁଛି ଯିଏ ଏକଥା କହିଛି । ହଜ୍‌ରତ୍ ଅବୁ ହୁଜୈଫା କହିଥିଲେ ଯେ ଆଁ ହଜ୍‌ରତ୍ ସ:ଆ:ସ ମନା କରିଦେଲେ କି ନୁହେଁ, ଏପରି ହେବନାହିଁ । କିନ୍ତୁ ହଜ୍‌ରତ୍ ହୁଜୈଫା ବର୍ଣ୍ଣନା କରୁଛନ୍ତି କି ମୁଁ ସେହି କଥାର କୁଫଳରୁ, ଯାହାକୁ ମୁଁ ସେହିଦିନ କହିଥିଲି, (ତାଙ୍କୁ ଏ ଅନୁଭବ ହେଲା ଯେ ମୁଁ ବହୁତ ବଡ ଭୁଲ୍ କଥା କହିଦେଇଛି) ସେବେଠାରୁ ଶାନ୍ତିରେ ରହିପାରିଲି ନାହିଁ । ଏପରି କଥା ମୁଁ କହିଦେଇଛି ଯେଉଁଥିପାଇଁ ମୁଁ ଶାନ୍ତିରେ ରହିପାରିଲି ନାହିଁ । ମୁଁ ସର୍ବଦା ଏଥିଯୋଗୁ ଭୟଭୀତ ରହିବି । ଯେପର୍ଯ୍ୟନ୍ତ ଶହୀଦ୍ ଶହୀଦ୍ ନହୋଇଯାଇଛି ପେର୍ଯ୍ୟନ୍ତ ଉକ୍ତ କୁଫଳରୁ ମୁଁ ମୁକ୍ତି ପାଇପାରିବି ନାହିଁ । ଅର୍ଥାତ୍ ମୁଁ ଇସ୍‌ଲାମ୍ ଖାତିର୍ ଶହୀଦ୍ ହେବି ସେତେବେଳେ ଜାଣିବି ଯେ ମୁଁ ସେହି କୁଫଳରୁ ମୁକ୍ତ ହେଲି ଯେଉଁ କଥାକୁ ମୁଁ କହିଦେଲି । ରାଓ୍ୱି ବର୍ଣ୍ଣନା କରୁଛନ୍ତି କି ସୁତରାଂ ତାଙ୍କୁ ୟମାମା ଯୁଦ୍ଧ ଦିନ ଶହୀଦ୍ ହେବାର ସୌଭାଗ୍ୟ ପ୍ରାପ୍ତ ହେଲା । (ମୁସତଦରକ୍ ଅଲସ୍ ସହିହୀନ୍: ଖଣ୍ଡ-୩, ପୃଷ୍ଠା-୨୪୭-୨୪୮) ହଦିସ୍-୪୯୮୮, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୨) ଗୋଟିଏ କଥା ଜୋସ୍‌ରେ ମୁହଁରୁ ବାହାରିପଡିଲା କିନ୍ତୁ ସେଥିଯୋଗୁ ଭୟଭୀତ ମଧ୍ୟ ହେଲେ ଏବଂ ସାର ଜୀବନ ସେହି ଭୟ ତାଙ୍କ ମଧ୍ୟରେ ରହିଲା ଯେପର୍ଯ୍ୟନ୍ତ ସେ ଶହୀଦ୍ ହୋଇନଥିଲେ ।

ହଜ୍‌ରତ୍ ଆଇଶା ର:ଅଙ୍କ ଠାରୁ ବର୍ଣ୍ଣିତ ଯେ ରସୁଲୁଲ୍ଲାଃ ସ:ଆ:ସ ମୁସ୍‌ରିକ୍ ମାନଙ୍କ ମଧ୍ୟରୁ ଯେଉଁମାନଙ୍କୁ ହତ୍ୟା କରାଯାଇଥିଲା, ସେ ସମସ୍ତଙ୍କୁ ଗୋଟିଏ ଗାଡ଼ ମଧ୍ୟରେ ଅର୍ଥାତ୍ କୂଅରେ ଫିଙ୍ଗିଦେବା ପାଇଁ ନିର୍ଦ୍ଦେଶ ଦେଲେ । ସୁତରାଂ ସେମାନଙ୍କୁ ତା ଭିତରେ ଫିଙ୍ଗି ଦିଆଗଲା ଓ ରସୁଲୁଲ୍ଲାଃ ସ:ଆ:ସ ତାଙ୍କ ନିକଟରେ ଛିଡା ହୋଇ କହିଲେ- ହେ କୂଅ ନିବାସୀ ! କଣ ତୁମେ ସେହି ପ୍ରତିଶୃତିକୁ ସଚା ବୋଲି ଜାଣିପାରିଲ ଯାହା ତୁମ ପାଳନକର୍ତ୍ତା ତୁମ ସହିତ କରିଥିଲେ ? ଅର୍ଥାତ୍ ପିତୁଳା ଓ ମୂର୍ତ୍ତୀମାନେ (ତୁମ ସହିତ ଯେଉଁ ପ୍ରତିଶୃତି କରିଥିଲେ ?) । ମୁଁ ନିଶ୍ଚିତ ରୂପେ ସେହି ପ୍ରତିଶୃତିକୁ ସଚ୍ଚା ବୋଲି ଜାଣିପାରିଲି ଯାହାକୁ ମୋ ପାଳନକର୍ତ୍ତା ମୋ ସହିତ କରିଥିଲେ ଏବଂ ଯଦି ଏଥିରୁ ଅଲ୍ଲାଃତାଲା ବୋଲି ବିବେଚନା କରାଯାଏ ତେବେ ସେ ତୁମକୁ ଦଣ୍ଡ ଦେବେ । ସେ ଯାହାହେଉ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ମୁଁ ତ ଉକ୍ତ ପ୍ରତିଶୃତିକୁ ସତ୍ୟବୋଲି ପାଇଲି ଯାହାକୁ ଅଲ୍ଲାଃତାଲା ମୋ ସହିତ କରିଥିଲେ କି ମୁଁ ସେମାନଙ୍କୁ ଦଣ୍ଡଦେବି ଓ ତୁମ ଉପରେ ସେମାନେ ବିଜୟପ୍ରାପ୍ତ କରିପାରିବେ ନାହିଁ । ଏଥିରେ ଆପଣ ସ:ଆ:ସଙ୍କ ସାହାବାମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! କଣ ଆପଣ ସେହି ଲୋକମାନଙ୍କୁ ସମ୍ୱୋଧନ କରୁଛନ୍ତି ଯେଉଁମାନେ ମରିସାରିଛନ୍ତି ? ଏଥିରେ ଆପଣ ସ:ଆ:ସ କହିଲେ ନିଶ୍ଚିତ ରୂପେ ସେମାନେ ଜାଣିସାରିଛନ୍ତି ଯେ ତୁମ ପାଳନକର୍ତ୍ତା ତୁମ ସହିତ ଯେଉଁ ପ୍ରତିଶୃତି କରିଥିଲେ ତାହା ସତ୍ୟ ଥିଲା ।

ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶ ମୁତାବକ ସେମାନଙ୍କୁ କୂଅ ଭିତରେ ଫିଙ୍ଗି ଦିଆଗଲା ସେତେବେଳେ ହଜ୍‌ରତ୍ ଅବୁ ହୁଜୈଫାଙ୍କ ଚେହେରାରୁ ଅପ୍ରସନ୍ନତାର ଆଭାଷ ପ୍ରକାଶ ହେଲା । କାରଣ ତାଙ୍କ ବାପାଙ୍କୁ ମଧ୍ୟ କୂଅ ଭିତରେ ଫିଙ୍ଗି ଦିଆଯାଉଥିଲା । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ କହିଲେ ହେ ଅବୁ ହୁଜୈଫା ! ଖୁଦାଙ୍କ ରାଣ ! ! ଏପରି ଜଣାପଡୁଛି ଯେ ଯେପରି ତୁମେ ତୁମ ବାପାଙ୍କ ସହିତ ଯେଉଁ ବ୍ୟବହାର କରାଯାଉଛି, ସେଥିରେ ତୁମକୁ ଖରାପ ଲାଗୁଛି । ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବୁ ହୁଜୈଫାଙ୍କୁ ଯେତେବେଳେ ଏକଥା ପଚାରିଲେ ଏଥିରେ ଅବୁ ହୁଜୈଫା କହିଲେ କି ହେ ଅଲ୍ଲାଃଙ୍କ ରସୁଲ୍ ! ଅଲ୍ଲାଃଙ୍କ ରାଣ ! ! ମୋତେ ଅଲ୍ଲାଃ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ୱନ୍ଧରେ କୌଣସି ସନ୍ଦେହ ନାହିଁ କିନ୍ତୁ ମୋ ବାପା ପୁଣ୍ୟବନ୍ତ, ସଚ୍ଚା ଏବଂ ଉତମ ରାୟ ଦେଉଥିବା ବ୍ୟକ୍ତି ଥିଲେ । ସେ ନିଜ ଭାବନାରେ ଯାହାକିଛି ବୁଝୁଥିଲେ ସେ ତାକୁ ସଠିକ୍ ବୋଲି ବୁଝୁଥିଲେ କିନ୍ତୁ ସେଥିରେ କୌଣସି ଖରାପ ନିୟତ ନଥିଲା ଏବଂ ମୁଁ ଚାହୁଁଥିଲି କି ଅଲ୍ଲାଃତାଲା ତାଙ୍କୁ ତାଙ୍କ ମୃତ୍ୟୁ ପୂର୍ବରୁ ଇସ୍‌ଲାମ୍ ଗ୍ରହଣ କରିବା ପ୍ରତି ହିଦାୟତ୍ ଦେଇଦିଅନ୍ତୁ । କିନ୍ତୁ ଯେତେବେଳେ ମୁଁ ଦେଖିଲି ଯେ ବର୍ତମାନ ଏପରି ହେବା ସମ୍ଭବ ନୁହେଁ ଏବଂ ତାଙ୍କର ଯେଉଁ ପରିଣାମ ହେଲା ତାହା ମୋତେ ଦୁଃଖୀତ କରିଦେଲା । ଏଥିରେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅବୁ ହୁଜୈଫାଙ୍କ ସପକ୍ଷରେ ସୁଫଳ ପାଇବାର ଦୁଆ କଲେ । (ମୁସତଦରକ୍ ଅଲସ୍ ସହିହୀନ୍: ଖଣ୍ଡ-୩, ପୃଷ୍ଠା-୨୪୯) ହଦିସ୍-୪୯୯୫, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୨)

ହଜ୍‌ରତ୍ ଅବୁ ହୁଜୈଫା ସେ ସମସ୍ତ ଯୁଦ୍ଧରେ ସାମିଲ୍ ହୋଇଛନ୍ତି ଯେଉଁଥିରେ ଆଁ ହଜ୍‌ରତ୍ ସ:ଆ:ସ ଯୋଗ ଦେଇଥିଲେ ଏବଂ ହଜ୍‌ରତ୍ ଅବୁ ବକର୍ ସିଦ୍ଦିକ୍‌ଙ୍କ ଖିଲାଫତ୍ ସମୟରେ ୟମମା ଯୁଦ୍ଧରେ ୫୩ ବା ୫୪ ବର୍ଷ ବୟସରେ ଶହୀଦ୍ ହେଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୬୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ବର୍ତମାନ ମୁଁ ଆମ ଜମାତ୍‌ର ଜଣେ ପୁରୁଣା ଖାଦିମେ ସିଲ୍‌ସିଲା ପ୍ରଫେସର୍ ସଉଦ୍ ଅହେମଦ୍ ଖାନ୍ ସାହେବ୍ ଦେହ୍‌ଲୁଓ୍ୱିଙ୍କ ବିଷୟରେ ଚର୍ଚ୍ଚା କରିବି ଯାହାଙ୍କର ବିଗତ ଦିନ ଦେହାନ୍ତ ହୋଇଗଲା । ୨୧ ଜାନୁୟାରୀ ଦିନ ତାଙ୍କର ଦେହାନ୍ତ ହେଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ତାଙ୍କ ବାପାଙ୍କ ନାମ ହଜ୍‌ରତ୍ ମୁହମ୍ମଦ୍ ହସନ୍ ଆସାନ ଦେହ୍‌ଲୁଓ୍ୱି ର:ଅ ଥିଲା । ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ । ସେହିପରି ତାଙ୍କ ଦାଦା (ଜେଜେବାପା) ହଜ୍‌ରତ୍ ମେହ୍‌ମୁଦ୍ ହସନ୍ ଖାନ୍ ସାହେବ୍ ର:ଅ ମୁଦର୍‌ରିସ୍ ପଟିୟାଲା ମଧ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବୀ ଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ୩୧୩ଜଣ ସାହାବୀ ମାନଙ୍କ ସୂଚୀରେ ୩୦୧ ନଂରେ ତାଙ୍କ ଦାଦାଙ୍କ ନାମକୁ ଏପରି ଦରଜ କରିଛନ୍ତି କି:- ''ମୌଲବୀ ମେହ୍‌ମୁଦ୍ ହସନ୍ ଖାନ୍ ସାହେବ୍ ମୁଦର୍‌ରିସ୍ ମୁଲାଜିମ୍ ପଟିଆଲା'' । (ଜମିମା ରିସାଲା ଅନ୍‌ଜାମେ ଆଥମ୍, ରୁହାନି ଖଜାଏନ୍, ଖଣ୍ଡ-୧୧, ପୃଷ୍ଠା-୩୨୮)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ପୁସ୍ତକ ''ସିରାଜେ ମୁନିର୍'' ରେ ''ଅତିଥିଶାଳା ନିମନ୍ତେ ଆମଦାନୀ ହୋଇଥିବା ଚାନ୍ଦା ଇତ୍ୟାଦି ସୂଚୀ'' ଅନ୍ତର୍ଗତ ତାଙ୍କ ନାମକୁ ଏପରି ଦରଜ କରିଛନ୍ତି । ''ମୌଲବୀ ମେହ୍‌ମୁଦ୍ ହସନ୍ ଖାନ୍ ସାହେବ୍ ପଟିଆଲା'' (ସିରାଜେ ମୁନିର୍, ରୁହାନି ଖଜାଏନ୍, ଖଣ୍ଡ-୧୨, ପୃଷ୍ଠା-୮୫-୮୬)

ପ୍ରଫେସର ସଉଦ୍ ଖାନ୍ ସାହେବ୍‌ଙ୍କ ବାପା ହଜ୍‌ରତ୍ ମୁହମ୍ମଦ୍ ହସନ୍ ସାହେବ୍ ଆସାନ୍ ଦେହ୍‌ଲୁଓ୍ୱି ର:ଅଙ୍କ ବୟସ ଯେତେବେଳେ ଦଶବାରବର୍ଷ ହୋଇଥିଲା ସେତେବେଳେ ସେ ଖୁତ୍‌ବା ଇଲ୍‌ହାମିୟା ଅବସରରେ କାଦିଆନ୍ ଯାଇ ଉକ୍ତ ମହାନ୍ ନିଦର୍ଶନକୁ ନିଜେ ନିଜ ଆଖିରେ ଦେଖିବାର ସୌଭାଗ୍ୟ ପାଇଛନ୍ତି । (ଉଦ୍ଧୃତ ନଇ ଜିନ୍ଦେଗୀ, ଲେଖକ-ମସ୍‌ଉଦ୍ ହସନ ଖାନ୍ ଦେହ୍‌ଲୁଓ୍ୱି, ପୃଷ୍ଠା-୧୦୭, ପ୍ରକାଶକ- ଲଜ୍‌ନା ଇମାଇଲ୍ଲାଃ, ଲାହୋର୍ ୨୦୦୭)

ପ୍ରଫେସର୍ ସଉଦ୍ ଖାନ୍ ସାହେବ୍ ଏପ୍ରିଲ୍ ୧୯୪୫ ମସିହାରେ ଓ୍ୱକ୍‌ଫ୍ କରିଥିଲେ । ସେ ଅଲିଗଡରୁ ଫାର୍ସୀରେ ବି.ଏ ଅନର୍‌ସ୍ ଡିଗ୍ରୀ ହାସଲ କରିଥିଲେ । ତାଙ୍କ ସହିତ ତାଙ୍କ ଭାଇମାନଙ୍କ ଓ୍ୱକ୍‌ଫ୍ କରିବା ସମ୍ୱନ୍ଧରେ ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ୧୯୫୫ ମସିହାରେ ଗୋଟିଏ ଖୁତ୍‌ବାଜୁମାରେ କହିଥିଲେ କି ''ମୁଁ ଭାବୁଛି ମାଷ୍ଟର ମୁହମ୍ମଦ୍ ହସନ ସାହେବ୍ ଆସାନ ମଧ୍ୟ ଏପରି ନମୁନା ଦେଖାଇଛନ୍ତି ଯାହା ଅତି ପ୍ରଶଂସନୀୟ । ସେ ଜଣେ ସାଧାରଣ ଶିକ୍ଷକ ଥିଲେ ଏବଂ ଗରିବ ଲୋକ ଥିଲେ । ସେ ଭୋକିଲା ରହି ନିଜ ସନ୍ତାନମାନଙ୍କୁ ପଢ଼ାଇଲେ ଏବଂ ଗ୍ରାଜୁଏଟ୍ କରାଇଲେ । ପୁଣି ସାତଜଣ ପୁଅଙ୍କ ମଧ୍ୟରୁ ଚାରିଜଣଙ୍କୁ ଏ ସିଲ୍‌ସିଲା (ର ସେବା ନିମନ୍ତେ) ଦେଇଦେଲେ । ଏବେ ସେହି ଚାରିଜଣ ଯାକ ଦୀନ୍‌ର ସେବା କରୁଛନ୍ତି ଏବଂ ଉଣାଅଧିକେ ସମସ୍ତେ ହିଁ ଏପରି ନିଷ୍ଠାର ସହିତ ସେବା କରୁଛନ୍ତି ଯାହା ଓ୍ୱକ୍‌ଫ୍ କରିବାର ହକ୍ ଅଟେ'' । ପୁଣି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ କହୁଛନ୍ତି ''ଯଦି ଏ ପିଲାମାନେ ଓ୍ୱକ୍‌ଫ୍ ହୋଇନଥାନ୍ତେ ତେବେ ସାତଜଣଯାକ ମିଳିମିଶି ବୋଧହୁଏ ଦଶ କୋଡିଏ ବର୍ଷ ପର୍ଯ୍ୟନ୍ତ ନିଜ ବାପାଙ୍କ ନାମର ଟେକ ରଖିଥାନ୍ତେ ଏବଂ କହିଥାନ୍ତେ କି ଆମ ବାପା ବହୁତ ଭଲ ଲୋକ ଥିଲେ କିନ୍ତୁ ଯେତେବେଳେ ମୋର ଏହି ଖୁତ୍‌ବାଟି ମୁଦ୍ରଣ ହେବ'' ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି କି ''ଯେତେବେଳେ ମୋର ଏହି ଖୁତ୍‌ବା ଛପାଯିବ ସେତେବେଳେ ଲକ୍ଷଲକ୍ଷ ଅହେମଦୀ ମୁହମ୍ମଦ୍ ହସନ୍ ଆସାନ୍‌ଙ୍କ ନାମ

ନେଇ ତାଙ୍କୁ ପ୍ରଶଂସା କରିବେ ଓ କହିବେ ଯେ ଦେଖ ଇଏ କିପରି ସାହସୀ ଅହେମଦୀ ଥିଲେ ଯେ ଗରିବ ହେବା ସତ୍ତ୍ୱେ ମଧ୍ୟ ନିଜର ସାତଜଣ ପିଲାଙ୍କୁ ଉଚ୍ଚ ଶିକ୍ଷା ଦେଲେ ଏବଂ ପୁଣି ସେମାନଙ୍କ ମଧ୍ୟରୁ ଚାରିଜଣକୁ ଏ ସିଲ୍‌ସିଲାକୁ ଦେଇଦେଲେ'' ଅର୍ଥାତ୍ ୱକ୍‌ଫ୍ କରିଦେଲେ । ''ଏବଂ ପୁଣି ସେ ପିଲାମାନେ ମଧ୍ୟ ଏପରି ପୁଣ୍ୟବାନ ପ୍ରମାଣିତ ହେଲେ ଯେ ସେମାନେ ଖୁସିର ସହିତ ନିଜ ବାପାଙ୍କ କୁର୍ବାନୀକୁ ଗ୍ରହଣ କଲେ ଏବଂ ନିଜ ତରଫରୁ ମଧ୍ୟ ତାଙ୍କ ନିଷ୍ପତି ଉପରେ ପାଳନ କଲେ'' । (ଉଦ୍ଧୃତ ନଇ ଜିନ୍ଦେଗୀ, ଲେଖକ-ମସ୍‌ଉଦ୍ ହସନ ଖାନ୍ ଦେହ୍‌ଲୁୱି, ପୃଷ୍ଠା-୨୦୮, ପ୍ରକାଶକ- ଲଜ୍‌ନା ଇମାଇଲ୍ଲାଃ, ଲାହୋର୍ ୨୦୦୭)

ଜୁନ୍ ୧୯୪୬ ମସିହାଠାରୁ ନେଇ ଅକ୍ଟୋବର୍ ୧୯୪୯ ପର୍ଯ୍ୟନ୍ତ ସଉଦ୍ ଖାନ୍ ସାହେବ୍ ତାଲିମୁଲ୍ ଇସ୍‌ଲାମ୍ ହାଇସ୍କୁଲ୍ କାଦିଆନ୍‌ରେ ଶିକ୍ଷକତା କରୁଥିଲେ । ଅକ୍ଟୋବର୍ ୧୯୪୯ ମସିହାରେ କିଛି ମାସ ପାଇଁ ଜାମିଆ ଅହେମଦୀୟାରେ ଇଂରାଜୀ ପ୍ରଫେସର୍ ଭାବେ ଶିକ୍ଷା ପ୍ରଦାନ କଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ତାଙ୍କୁ ୧୯୫୦ ମସିହାରେ ଘାନା ପଶ୍ଚିମ ଆଫ୍ରିକାରେ ଦୀନ୍‌ର ସେବା କରିବା ପାଇଁ ପଠାଇଲେ । (ତାରିଖେ ଅହେମଦୀୟତ୍, ଖଣ୍ଡ-୧୪, ପୃଷ୍ଠା-୨୮୬)

ସେ ଅହେମଦୀୟା ସେକେଣ୍ଡାରୀ ସ୍କୁଲ୍ ଘାନାର ପ୍ରଥମ ଭାଇସ୍ ପ୍ରିନ୍‌ସିପାଲ୍ ଥିଲେ । ସେଥିପାଇଁ ୩୦ ଏପ୍ରିଲ୍ ୧୯୫୦ ମସିହା ଦିନ ସେ କରାଚିରୁ ଯାତ୍ରା ଆରମ୍ଭ କଲେ ଏବଂ ୩୦ ଜୁନ୍ ଦିନ କୁମାସିଠାରେ ପହଂଚିଲେ ଅର୍ଥାତ୍ ମଇ ମାସ ଏବଂ ଜୁନ୍ ମାସ ଦୁଇମାସ କାଳ ସେ ଯାତ୍ରା କରି ସେଠାରେ ପହଂଚିଲେ । (ଆଜି ଆମେ ପାଂଚ ଛଅଘଂଟାରେ ପହଂଚି ଯାଉଛୁ) ଏବଂ ୧ ଜୁଲାଇରୁ ଅହେମଦୀୟା ସେକେଣ୍ଡାରୁ ସ୍କୁଲ୍ କୁମାସିରେ ଶିକ୍ଷାଦାନ ଆରମ୍ଭ କଲେ । (ଉଦ୍ଧୃତ ନଇ ଜିନ୍ଦେଗୀ, ଲେଖକ-ମସ୍‌ଉଦ୍ ହସନ ଖାନ୍ ଦେହ୍‌ଲୁୱି, ପୃଷ୍ଠା-୨୭୬-୨୭୭, ପ୍ରକାଶକ- ଲଜ୍‌ନା ଇମାଇଲ୍ଲାଃ, ଲାହୋର୍ ୨୦୦୭)

ତାଙ୍କର ଯାତ୍ରା ଏତେ ବିଳମ୍ବ କାହିଁକି ହେଲା ? ସେ ସମ୍ବନ୍ଧରେ ତାଙ୍କ ପୁତୁରା ଇରଫାନ୍ କାନ୍ ଲେଖି କହୁଛନ୍ତି ଯେ ସେ ତାଙ୍କର ପ୍ରଥମ ପୋଷ୍ଟିଂରେ ରବ୍‌ୱାରୁ ଘାନା ନିମନ୍ତେ ଯାତ୍ରା କଲେ ଓ ତିନିମାସର ଅତ୍ୟନ୍ତ କଷ୍ଟକର (ଏହା ପାଖାପାଖି ଦୁଇମାସ ହେଉଛି) ଯାତ୍ରା କରିବା ପରେ କୁମାସିଠାରେ ପହଂଚିଲେ । ସେ ଯୁଗରେ ପାଣି ଜାହାଜକୁ ବଦଳାଇ ବଦଳାଇ ଯାତ୍ରା ସମ୍ପୂର୍ଣ୍ଣ କରାଯାଉଥିଲା । ଉଡାଜାହଜ ଦ୍ୱାରା ନୁହେଁ ବରଂ ପାଣି ଜାହାଜରେ ଯାତ୍ରା କରୁଥିଲେ । ସୁତରାଂ ସେ ମଧ୍ୟ କରାଚିରୁ ଅଦନ ନିମନ୍ତେ ଯାତ୍ରା କଲେ । ୧୬୦ ଟଙ୍କାରେ କୌଣସି ଖାଦ୍ୟ ପଦାର୍ଥ ନଥିବା ଟିକେଟ୍ ହାସଲ୍ କଲେ ଏବଂ ଅଦନରୁ ଘାନା ପର୍ଯ୍ୟନ୍ତ ସେ ପାଣିଜାହାଜରେ ଯିବା ବ୍ୟତୀତ ବସ୍, ଟ୍ରକ୍ ଏବଂ ଉଡାଜାହାଜ ମାଧ୍ୟମରେ ନାଇଜେରିଆ ପର୍ଯ୍ୟନ୍ତ ଯାତ୍ରା କଲେ । ନାଇଜେରିଆରୁ ଉଡାଜାହାଜର ୫୫ପାଉଣ୍ଡର ଟିକେଟ୍ କିଣିବା ପାଇଁ ସେ ତାଙ୍କ ନିଜ ଟ୍ରଙ୍କ୍ ଏବଂ ଅନ୍ୟାନ୍ୟ ଜିନିଷପତ୍ର ବିକ୍ରି କରିଦେଲେ ଓ ନିଜ ସାମାନ୍ ଗୁଡିକୁ ଗୋଟିଏ ଚାଦରରେ ବାନ୍ଧି ନେଲେ । ପୁଣି ନାଇଜେରିଆ ମିଶନ୍ ହାଉସ୍ ତାଙ୍କୁ ଘାନା ପର୍ଯ୍ୟନ୍ତ ଯିବାପାଇଁ ବସ୍ ଟିକେଟ୍ ପ୍ରଦାନ କଲା । ୧୯୫୦ ମସିହାରେ ନାଇଜେରିଆ ପହଂଚିବା ନିମନ୍ତେ କିଛି ରାସ୍ତା ଉଡାଜାହଜ ଦ୍ୱାରା ଯାତ୍ରା କଲେ ଏବଂ ତାହା ନିଜର ଜିନିଷପତ୍ରକୁ ବିକ୍ରି କଲେ । ଆଗକୁ ପୁଣି ନାଇଜେରିଆରୁ ଘାନା ପର୍ଯ୍ୟନ୍ତ ବସ୍ ଦ୍ୱାରା ଗଲେ । ୧୯୫୦ ମସିହାରେ ପଶ୍ଚିମ ଏବଂ ପୂର୍ବ ଆଫ୍ରିକା ଏବଂ ହଲାଣ୍ଡ୍ ନିମନ୍ତେ ଆଠଜଣ ଅହେମଦୀ ମୁବଲିଗ୍ ମାନଙ୍କ ଗସ୍ତ ସମ୍ବନ୍ଧରେ ତାରିଖେ ଅହେମଦୀୟତ୍‌ରେ ତାଙ୍କ ନାମ ସମସ୍ତଙ୍କ ଉପରେ ରହିଛି ଏବଂ ସେଠାରେ ଏକ ନମ୍ବରରେ ଲେଖାଯାଇଛି ସଉଦ୍ ଅହେମଦ୍ ଖାନ୍ ସାହେବ୍ (ଲାହୋର୍‌ରୁ ଯାତ୍ରା ଅମାନ୍ ମାସର ୨୫ ତାରିଖ ୧୩୨୯ ହିଜ୍‌ରି) ଘାନା ନିମନ୍ତେ ଯାତ୍ରା । (ଉଦ୍ଧୃତ ତାରିଖେ ଅହେମଦୀୟତ୍, ଖଣ୍ଡ-୧୪, ପୃଷ୍ଠା-୨୮୬)

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ନିର୍ଦ୍ଦେଶରେ ୧୯୫୮ ମସିହାରେ ସେ ପାକିସ୍ତାନ୍ ଚାଲିଆସିଲେ ଓ ପଞ୍ଜାବ ୟୁନିଭର୍‌ସିଟିରୁ ଇତିହାସରେ ଏମ୍.ଏ କଲେ । ଇତିହାସରେ ଏମ୍.ଏ ସେ ପରେ କଲେ । ଏହି ଅବଧିରେ ତାଙ୍କ ବାପା ମୋହତରମ୍ ମୁହମ୍ମଦ୍ ହସନ୍ ଆସାନ ଦେହ୍‌ଲୁୱି ସାହେବ୍ ଅଗଷ୍ଟ ୧୯୫୫ ମସିହାରେ ମୃତ୍ୟୁବରଣ କରିଥିଲେ । ଯେତେବେଳେ ସେ ଘାନାରେ ଥିଲେ ସେ ସମୟରେ ତାଙ୍କ ବାପାଙ୍କର ଦେହାନ୍ତ ହୋଇଯାଇଥିଲା । ୧୯୬୧ ମସିହାରେ ପୁଣି ପୁନର୍ବାର ଆପଣଙ୍କର ପୋଷ୍ଟିଂ ଘାନା ହୋଇଗଲା ଯେଉଁଠି ଆପଣଙ୍କୁ ପୁଣି ୧୯୬୮ ମସିହା ପର୍ଯ୍ୟନ୍ତ ଦୀନ୍‌ର ଖିଦ୍‌ମତ୍ କରିବା ପାଇଁ ଭର୍‌ପୁର୍ ସୌଭାଗ୍ୟ ମିଳିଲା ।

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅଙ୍କ ମଞ୍ଜୁରୀ କ୍ରମେ ହଜୁର୍ ର:ଅଙ୍କ ୟୁରୋପ୍ ଗସ୍ତ ସମୟରେ ମସ୍‌ଜିଦ୍ ମୁବାରକ୍ ରବ୍‌ୱାରେ ନମାଜ ମଗ୍‌ରିବ୍ ପରେ ଗୋଟିଏ ''ମଜ୍‌ଲିସ୍ ତଲ୍‌କିନେ ଅମଲ୍'' ଅନୁଷ୍ଠିତ ହେଲା । ତାହା ଅନ୍ତର୍ଗତ ପ୍ରତ୍ୟହ ୧୫ମିନିଟ୍‌ର ତର୍‌ବିୟତି ତକ୍‌ରିର୍ କରାଯାଉଥିଲା । ଉକ୍ତ ପ୍ରୋଗ୍ରାମ୍‌ର ଶୁଭାରମ୍ଭ ୭ ଜୁଲାଇରୁ କରାଗଲା ଓ ଏହି ପ୍ରୋଗ୍ରାମ୍‌କୁ ବହୁତ ଆଗ୍ରହର ସହିତ ଶୁଣାଯାଉଥିଲା ଓ ତାହା ଏକ ଜ୍ଞାନବର୍ଦ୍ଧକ ଇଜ୍‌ଲାସ୍ ଥିଲା । ସେହି ମଜ୍‌ଲିସ୍‌ରେ ଯେଉଁ ବୟୋଜ୍ୟେଷ୍ଠ ଓ୍ୱଲେମାମାନଙ୍କର ତକ୍‌ରିର୍ ହେଉଥିଲା ସେଥିରେ ଆପଣ ମଧ୍ୟ ସାମିଲ୍ ଥିଲେ । (ଉଦ୍ଧୃତ ତାରିଖେ ଅହେମଦୀୟତ୍, ଖଣ୍ଡ-୨୪, ପୃଷ୍ଠା-୩୯୨-୩୯୩)

ଜଲ୍‌ସାସାଲାନା ଅବସରରେ ତକ୍‌ରିର୍ ଗୁଡିକୁ ଅନୁବାଦ କରିବା ବ୍ୟବସ୍ଥା ଯେବେ ଆରମ୍ଭ ହେଲା ସେତେବେଳେ ତାଙ୍କୁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅଙ୍କ ତକ୍‌ରୀର୍ ଗୁଡିକ ଇଂରାଜୀ ଭାଷାରେ ଅନୁବାଦ କରିବା ପାଇଁ ସୌଭାଗ୍ୟ ମିଳିଲା ଏବଂ ରବ୍‌ୱାର ଶେଷ ଜଲ୍‌ସା ପର୍ଯ୍ୟନ୍ତ ସେ ଏହି ଡ୍ୟୁଟି ସମ୍ପାଦନ କରୁଥିଲେ ।

ପ୍ରଫେସର୍ ସଉଦ୍ ଖାନ୍ ସାହେବ୍ ଦେହ୍‌ଲୁୱିଙ୍କ ଛାତ୍ରମାନଙ୍କ ମଧ୍ୟରେ ମୋକରମ୍ ଅବ୍‌ଦୁଲ୍ ୱାହାବ୍ ଆଦମ୍ ସାହେବ୍ ଘାନା ଏବଂ ବି.କେ ଆଡୁ ସାହେବ୍ ଯିଏ ଏଠାରେ ରହୁଛନ୍ତି, ସେମାନେ ସାମିଲ୍ ଥିଲେ । ୧୯୬୮ ମସିହାରେ ପାକିସ୍ତାନ୍ ଫେରି ଆସିବା ପରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ମୋକରମ୍ ପ୍ରଫେସର୍ ସଉଦ୍ ଅହେମଦ୍ ଖାନ୍ ସାହେବ୍ ଦେହ୍‌ଲୁୱିଙ୍କୁ ତାଲିମୁଲ୍ ଇସ୍‌ଲାମ୍ କଲେଜ୍‌ରେ ୧୯୬୯ ମସିହାରେ ଶିକ୍ଷକତା କରିବା ଦାୟିତ୍ୱ ପ୍ରଦାନ କଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ପ୍ରଫେସର୍ ସଉଦ୍ ଖାନ୍ ସାହେବ୍‌ଙ୍କୁ ଜାମିୟା ଅହେମଦୀୟାରେ ଏକବର୍ଷ ପାଇଁ ଇଂରାଜୀ ଶିକ୍ଷକ ରୂପେ ନିଯୁକ୍ତ ପ୍ରଦାନ କଲେ । ଯେତେବେଳେ ତାଙ୍କର ନିଯୁକ୍ତ ଜାମିୟା ଅହେମଦୀୟାରେ ହେଲା ସେତେବେଳେ ମଧ୍ୟ ସେ ତାଲିମୁଲ୍ ଇସ୍‌ଲାମ୍ କଲେଜ୍‌ରେ ପ୍ରଫେସର୍ ଭାବେ ଖିଦ୍‌ମତ୍ କରିବାର ସୌଭାଗ୍ୟ ପାଉଥିଲେ । ସୁତରାଂ ୨ମାର୍ଚ୍ଚ ୧୯୮୭ ମସିହା ଦିନ ସେ ଜାମିଆ ଅହେମଦୀୟାରେ ଡ୍ୟୁଟି ଦେବା ଆରମ୍ଭ କଲେ ଏବଂ ଏକବର୍ଷ ପର୍ଯ୍ୟନ୍ତ ସେହି ଖିଦ୍‌ମତ୍‌କୁ ସମ୍ପାଦନ କଲେ ।

ପ୍ରଫେସର୍ ସଉଦ୍ ଖାନ୍ ସାହେବ୍ ଦେହ୍‌ଲୁୱିଙ୍କ ସମ୍ବନ୍ଧରେ ତାଙ୍କର ବଡଭାଇ ମସ୍‌ଉଦ୍ ଖାନ୍ ଦେହ୍‌ଲୁୱି ସାହେବ୍, ଯିଏ ଅଲ୍‌ଫଜଲ୍‌ର ଏଡିଟର୍ ମଧ୍ୟ ରହିଛନ୍ତି ଓ କିଛି ବର୍ଷ ହେବ ତାଙ୍କର ଦେହାନ୍ତ ହୋଇସାରିଛି, ସେ ଏକଥା କହୁଥିଲେ କି ଆମ ଭାଇ ସଉଦ୍ ଅହେମଦ୍ ଜଣେ ମୋବାଇଲ୍ ଲାଇବ୍ରେରୀ ଅଟନ୍ତି । ତାଙ୍କର ବହୁତ ଜ୍ଞାନ ଥିଲା । ସେ ଜଣେ ଜ୍ଞାନୀ ବ୍ୟକ୍ତି ଥିଲେ । ତାଙ୍କ ସୁପୁତ୍ରୀ ରାଶ୍‌ଦାଃ ସାହିବା ଲେଖୁଛନ୍ତି କି ମୋ ବାପା ଅତ୍ୟନ୍ତ ନମ୍ର ସ୍ୱଭାବର, ଅତ୍ୟନ୍ତ ସରଳ ପ୍ରକୃତିର ଓ ଜ୍ଞାନର ସମୁଦ୍ର ଥିଲେ । ଅତ୍ୟନ୍ତ ଉପାସନାକାରୀ ତହ୍‌ଜୁଦ୍ ପଢୁଥିବା ବୁଜ୍‌ରୁଗ୍ ଥିଲେ । ଅତ୍ୟନ୍ତ ଅତିଥିପରାୟଣତା ବ୍ୟକ୍ତିବିଶେଷ ଥିଲେ । (ହଜୁର୍ ଅନୁୱର୍ କହୁଛନ୍ତି) ବାସ୍ତବରେ ଯାହାକିଛି ସେ ଲେଖିଛନ୍ତି ସେ ସେହିପରି ହିଁ ବ୍ୟକ୍ତି ଥିଲେ ।

ତାଙ୍କ ପୁତୁରା ନଫିସ୍ ଅହେମଦ୍ ଅତିକ ଯିଏ ମୁରବୀ ସିଲ୍‌ସିଲା ଅଛନ୍ତି, ସେ କହୁଛନ୍ତି ସେ ଅତ୍ୟନ୍ତ ବିନମ୍ର ବ୍ୟକ୍ତି ଥିଲେ, ମୁତ୍‌ତକି ଥିଲେ ଏବଂ ଅଲ୍ଲାଃତାଲାଙ୍କ ଉପରେ ଭରଷା କରିବା ବାଲା ଥିଲେ । ସେହିପରି ସେ ଜଣେ ପୁଣ୍ୟବାନ୍ ଓ ସାଧାସିଧା ମଣିଷ ଥିଲେ । ତାଙ୍କର ଦୀନ ନିମନ୍ତେ ଥିବା ଖିଦମତ୍ କରିବାର ମନୋଭାବ ଓ ଖିଦ୍‌ମତ୍ ପ୍ରତି ଥିବା ଭକ୍ତିଭାବ ୱାକିଫିନେ ଜିନ୍ଦେଗୀମାନଙ୍କ ପାଇଁ ଏକ ଉଦାହରଣ ରଖୁଥିଲା । ସେହି ମୁରବୀ ସାହେବ୍ ଲେଖୁଛନ୍ତି କି ସେ ଏକଦା ମୋତେ କହିଲେ କି ପୋଷାକ ଓ ଅନ୍ୟାନ୍ୟ ସୁବିଧା ଜିନିଷ ଗୁଡିକୁ ଆବଶ୍ୟକ ପଡିଲେ ବ୍ୟବହାର କରିବା ଉଚିତ୍ । ଫେସନ୍ ଓ ଦେଖାଣିଆ ଭାବ ୱାକିଫେ ଜିନ୍ଦେଗୀକୁ ଶୋଭା ଦିଏନାହିଁ । ତାଙ୍କ ଜୀବନରେ ଲଜ୍ଜାଶୀଳ ପାର୍ଶ୍ୱ ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର ଥିଲା ।

ସଉଦ୍ ଖାନ୍ ସାହେବ୍‌ଙ୍କ ଛାତ୍ର ଆଇ.କେ ଗେୟାସୀ ସାହେବ୍ ସେ ମଧ୍ୟ ଜଣେ ଘାନାର ଲୋକ, ଲେଖୁଛନ୍ତି କି ସଉଦ୍ ସାହେବ୍ ୧୯୫୦ରୁ ୧୯୫୫ ମସିହା ପର୍ଯ୍ୟନ୍ତ ତାଲିମୁଲ୍ ଇସ୍‌ଲାମ୍ ସେକେଣ୍ଡାରୀ ସ୍କୁଲ୍ କୁମାସୀର ବିଲ୍‌କୁଲ୍ ପ୍ରାରମ୍ଭିକ ଆସିଷ୍ଟାଂଟ୍ ହେଡ୍‌ମାଷ୍ଟର୍ ବା ନାଏବ୍ ପ୍ରିନ୍‌ସିପାଲ୍ ଥିଲେ । ଏବଂ ତାଙ୍କର୍ ଏସ୍.ବି ଅହେମଦ୍ ସାହେବ୍ ସେହି ସ୍କୁଲ୍‌ର ପ୍ରଥମ ହେଡ୍‌ମାଷ୍ଟର୍ ଥିଲେ । ସଉଦ୍ ସାହେବ୍ ଇଂରାଜୀ ଭାଷା, ଇଂରାଜୀ ଇତିହାସ ଏବଂ ୟୁରୋପୀୟ ଇତିହାସକୁ ଅତ୍ୟନ୍ତ ପରିଶ୍ରମ କରି ପଢ଼ାଉଥିଲେ ଓ ଜଣେ ଜ୍ଞାନୀ ବ୍ୟକ୍ତି ଥିଲେ । ସେ ତାଙ୍କୁ ପାଠ ପଢ଼ାଉଥିଲେ । ପୁଣି ସେହି ଘାନାର ବନ୍ଧୁଜଣକ ଲେଖୁଛନ୍ତି ଯେ ଇଂରାଜୀ ଗ୍ରାମାର ବିଶେଷ ରୂପେ ବାକ୍ୟ ଗଠନ ସମ୍ବନ୍ଧରେ ସେ ସଉଦ୍ ସାହେବ୍‌ଙ୍କ ପରି ଜ୍ଞାନ ରଖିଥିବା ବ୍ୟକ୍ତି ଆଉକାହାକୁ ଦେଖିନାହାଁନ୍ତି ଏବଂ ସେ ଏହା ମଧ୍ୟ କହୁଛନ୍ତି କି ମୋ ଭାଷାକୁ ଉତମ ରୂପେ ଗଢ଼ି ତୋଳିବା ପାଇଁ ତାଙ୍କର ବହୁତ ଅବଦାନ ଥିଲା ।

ମୁବଶିର୍ ଅୟାଜ୍ ସାହେବ୍ ଯିଏ ଜାମିୟା ଅହେମଦୀୟା ରବ୍‌ୱା ସିନିୟର୍ ସେକ୍‌ସନ୍‌ର ପ୍ରିନ୍‌ସିପାଲ୍ ଅଛନ୍ତି, ସେ ଲେଖୁଛନ୍ତି କି ପ୍ରଫେସର ସଉଦ୍ ଖାନ୍ ସାହେବ୍ ଅତ୍ୟନ୍ତ ନମ୍ର ସ୍ୱଭାବ ଓ ସିଲ୍‌ସିଲାର ଜ୍ଞାନୀ ବ୍ୟକ୍ତି ଥିଲେ । ଯେଉଁ ସମୟରେ ସେ ଜାମିଆ ଅହେମଦୀୟାରେ ପାଠ ପଢ଼ାଉଥିଲେ ଆମେ ମଧ୍ୟ ସେ ସମୟରେ ଛାତ୍ର ଥିଲୁ । ସେ ସର୍ବଦା ଜାମିୟାର ଶେଷ କ୍ଲାସ୍ ପର୍ଯ୍ୟନ୍ତ ସଠିକ୍ ସମୟରେ ଆସୁଥିଲେ ଏବଂ ପିରିଅଡ୍ ଶେଷ ହେବା ପର୍ଯ୍ୟନ୍ତ ଅର୍ଥାତ୍ ଶେଷ ମିନିଟ୍ ପର୍ଯ୍ୟନ୍ତ ପାଠ ପଢାଉଥିଲେ । ଛାତ୍ରମାନେ ବେଳେବେଳେ ଏ ଚେଷ୍ଟା କରୁଥିଲେ କି ଇଆଡୁ ସିଆଡୁ କଥାରେ ତାଙ୍କୁ ଲଗାଇଦେବେ ଯଦ୍ୱାରା ପାଠ ପଢ଼ା ହେବନାହିଁ । କିନ୍ତୁ ସେ କଠୋର ହେବା ପରିବର୍ତେ ବା ଧମକଚମକ କରିବା ପରିବର୍ତ୍ତେ ବହୁତ ସୁନ୍ଦର ଶୈଳୀରେ ଏକଥାକୁ ଟାଳି ଦେଉଥିଲେ ଓ ପାଠ ପଢ଼ାଇବା ଜାରି ରଖୁଥିଲେ । ସେ ଲେଖୁଛନ୍ତି କି ମୁଁ ତାଙ୍କଠାରେ ଗୋଟିଏ କଥା ନୋଟ୍ କରିଛି ଯେ ତାଙ୍କ ମନ ଭିତରେ ୱାକିଫେ ଜିନ୍ଦେଗୀ ଛାତ୍ରମାନଙ୍କର ବହୁତ ସମ୍ମାନ ଥିଲା ଏବଂ କ୍ଲାସ୍‌ରେ ଯଦି କାହାକୁ କଠୋର ଶବ୍ଦ ବ୍ୟବହାର କରି ସତର୍କ କରାଇବାକୁ ହେଉଥିଲା ସେତେବେଳେ ତା'ର ଆତ୍ମ ସମ୍ମାନର ମଧ୍ୟ ଖିଆଲ୍ ରଖୁଥିଲେ । ପୁଣି ଲେଖୁଛନ୍ତି କି ଏମ୍.ଟି.ଏର ପ୍ରାରମ୍ଭିତ ସମୟରେ ଯେତେବେଳେ ଭିନ୍ନ ଭିନ୍ନ ପ୍ରୋଗ୍ରାମ୍ ଗୁଡିକ ରେକର୍ଡ୍ କରାଗଲା ସେତେବେଳେ ସଉଦ୍ ଖାନ୍ ସାହେବ୍ ସିରତୁନ୍ ନବୀ ସ:ଆ:ସ ପ୍ରୋଗ୍ରାମ୍ ରେକର୍ଡ୍ କରାଇଲେ । ସେତେବେଳେ ତାଙ୍କ ବୟସ ଅଧିକ ହୋଇଯାଇଥିଲେ ମଧ୍ୟ ସେ ସମସ୍ତ ପ୍ରୋଗ୍ରାମ୍ ଗୁଡିକୁ ବହୁତ ପରିଶ୍ରମ କରି ନିଜେ ପ୍ରସ୍ତୁତ କରୁଥିଲେ ଏବଂ ଆମମାନଙ୍କୁ ପ୍ରଶ୍ନଗୁଡିକ ବଂଟନ କରି ଦେଉଥିଲେ । ସେ ସମସ୍ତ ପ୍ରଶ୍ନ ଗୁଡିକୁ ନିଜେ ନିଜ ହାତଦ୍ୱାରା

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ...*

ପୃଷ୍ଠା- ୨ ର ଅବଶିଷ୍ଟାଂଶ ...

ଆବାସସ୍ଥଳୀ ଓ ଖାଦ୍ୟ ବ୍ୟବସ୍ଥା ଓ ଅନ୍ୟାନ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୩୧ଟି ନିଜାମତେ ଏବଂ ୨୫ଟି କୟାମଗାଃ ବନା ଯାଇଥିଲା ଓ ଚାରିଟି ଲଙ୍ଗର୍‌ଖାନା ଜାରି ହୋଇଥିଲା । କାଦିଆନ୍‌ର ସମସ୍ତ ହଲ୍‌କା ଗୁଡ଼ିକରେ ପ୍ରତ୍ୟେକ ଘରେ ରହୁଥିବା ଅତିଥିମାନଙ୍କ ନିମନ୍ତେ ୭ଟି ସ୍ଥାନରେ ''ଫ୍ୟାମିଲିଜ୍'' ଅନ୍ତର୍ଗତ ଖାଦ୍ୟ ବଂଟନ କରିବାର ବ୍ୟବସ୍ଥା କରାଯାଇଥିଲା । ଏ ବର୍ଷ ତାଲିମୁଲ୍ ଇସ୍‌ଲାମ୍ ହାଇସ୍କୁଲର ପ୍ରାଙ୍ଗଣରେ ତିନିଗୋଟି ବଡ ବଡ ୱାଟରପ୍ରୁଫ୍ ଟେଂଟ୍ ଲଗାଯାଇଥିଲା ଯାହା ମଧ୍ୟରେ ଦୁଇ ହଜାର ଅତିଥିଙ୍କୁ ରଖାଯାଇଥିଲା । ତିନିଗୋଟି ଟେଂଟ୍‌ର ଫ୍ଲୋରିଂ ଏପରି କରାଯାଇଥିଲା ଯେ ଯଦି ବର୍ଷା ହୁଏ ତାହାଲେ ଅତିଥିମାନଙ୍କର କୌଣସି ଅସୁବିଧା ନହେବ । ଏହି ଅତିଥିମାନଙ୍କର ସୁବିଧା ନିମନ୍ତେ ୫୦ଟି ଗାଧୁଆଘର ନିର୍ମାଣ କରାଯାଇଥିଲା ଯେଉଁଥିରେ ଅନବରତ ଗରମପାଣିର ବ୍ୟବସ୍ଥା ରଖାଯାଇଥିଲା । ଏ ବର୍ଷ କୟାମ୍‌ଗାଃରେ ବିଛାଇବା ପାଇଁ ଫୋମ୍‌ର ଦୁଇହଜାର ଉନ୍ନତମାନର ଗଦି କିଣାଯାଇଥିଲା ।

**ନିଜାମତେ ଖିଦ୍‌ମତ୍ ଖଲ୍‌କ**
**(ଜନସେବା ବିଭାଗ)**

ଜଲ୍‌ସାସାଲାନା କାଦିଆନ୍‌ର ବିଭାଗମାନଙ୍କ ମଧ୍ୟରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ''ନିଜାମତେ ଖିଦ୍‌ମତେ ଖଲ୍‌କ'' । ତାହା ଅନ୍ତର୍ଗତ ଶୃଙ୍ଖଳା ଏବଂ ସୁରକ୍ଷା ବିଭାଗ ସମ୍ବନ୍ଧିତ ଡ୍ୟୁଟି ଦିଆଯାଇଥାଏ । ଏବର୍ଷ ଏହି ବିଭାଗ ଅନ୍ତର୍ଗତ ଡ୍ୟୁଟି ଦେବାପାଇଁ ଭାରତବର୍ଷରୁ ବିଭିନ୍ନ ପ୍ରଦେଶ ଗୁଡ଼ିକରୁ ୬୮୮ଜଣ ଖୁଦାମ୍ ଏବଂ ୨୯ଜଣ ସଫେଦୌମ୍‌ର ଅନ୍‌ସାର ସ୍ୱେଚ୍ଛାକୃତ ଭାବେ ଆସି ଏଠାରେ ପହଂଚିଥିଲେ । ଏହି ବିଭାଗ ଅନ୍ତର୍ଗତ ଜଲ୍‌ସାସାଲାନାରେ ସାମିଲ୍ ହେଉଥିବା ପ୍ରତ୍ୟେକ ଅତିଥିଙ୍କୁ ''ଜଲ୍‌ସା ରେଜିଷ୍ଟ୍ରେସନ୍ କାର୍ଡ୍'', ଫୋଟୋ ଏବଂ ବିଶେଷ ବାର୍‌କୋର୍ଡ୍ ସହିତ ଯୋଗାଇ କରାଗଲା । ନମାଜର ସମୟ ଗୁଡ଼ିକରେ ଦାରୁଲ୍ ମସିହ୍‌ର ରାସ୍ତା ଓ ମହଲାର ଗଳିକନ୍ଦିରେ ଶୃଙ୍ଖଳା ବ୍ୟବସ୍ଥାକୁ କାଏମ୍ ରଖିବା ପାଇଁ ଖୁଦାମ୍‌ମାନେ ଡ୍ୟୁଟି ଦେଲେ । ଦାରୁଲ୍ ମସିହ୍, ବେହେଶ୍ତି ମକ୍‌ବରାଃ, ଜଲ୍‌ସାଗାଃ, କାଦିଆନ୍‌ର ସମସ୍ତ କେନ୍ଦ୍ରୀୟ ମସ୍‌ଜିଦ୍ ଏବଂ ସମସ୍ତ ଆବାସସ୍ଥଳୀରେ ଖୁଦାମ୍‌ମାନଙ୍କର ଅନବରତ ଡ୍ୟୁଟି ଲଗାଗଲା । ସେହିପରି ଅଲ୍‌କୁର୍‌ଆନ୍, ଅନ୍‌ନୁର, ଇସ୍‌ଲାମେ ଅମ୍‌ନେ ଆଲମ୍, ମଖ୍‌ଜନେ ତସାୱିର ଏବଂ ହ୍ୟୁମାନିଟି ଫାର୍ଷ୍ଟ ଇତ୍ୟାଦିର ପ୍ରଦର୍ଶନୀ ଗୁଡ଼ିକ ଲଗାଯାଇଥିବା ସ୍ଥାନ ବିଶେଷରେ ମଧ୍ୟ ଖୁଦାମ୍‌ମାନଙ୍କର ନିୟମିତ ଡ୍ୟୁଟି ଲାଗିଥିଲା । ସେହିପରି ଏବର୍ଷ ଦାରୁଲ୍ ବୟତ୍ ଲୁଧିଆନା ଏବଂ ଚିଲାକଣି କରାଯାଇଥିବା ସ୍ଥାନ ହୁସିଆରପୁରରେ ମଧ୍ୟ ଖୁଦାମ୍‌ମାନଙ୍କର ଡ୍ୟୁଟି ଲଗାଯାଇଥିଲା । ଏହି ବିଭାଗ ଅନ୍ତର୍ଗତ ବର୍ଡର, ରେଲ୍‌ୱେ ଷ୍ଟେସନ୍, ଏୟାରପୋର୍ଟ୍ ଇତ୍ୟାଦିରେ ମଧ୍ୟ ଅତିଥିମାନଙ୍କ ସୁବିଧା ଓ ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଖୁଦାମ୍ ମାନଙ୍କର ଡ୍ୟୁଟି ଲଗାଯାଇଥିଲା । ଲଷ୍ଟ୍ ଆଣ୍ଡ୍ ଫାଉଣ୍ଡ୍ ଏବଂ ଏଲାନାତ୍‌ର କାର୍ଯ୍ୟାଳୟ ମଧ୍ୟ କାଏମ୍ କରାଯାଇଥିଲା । ତାହା ଅନ୍ତର୍ଗତ ଅତିଥିମାନଙ୍କର ହଜିଯାଇଥିବା ଜିନିଷପତ୍ର ଗୁଡ଼ିକୁ ଖୋଜି ସେମାନଙ୍କୁ ଫେରାଇ ଦିଆଯାଉଥିଲା । ଖିଦ୍‌ମତ୍ ଖଲ୍‌କ୍ ଅନ୍ତର୍ଗତ ହିଁ ଫାଷ୍ଟେଡ୍ ଏବଂ ଏମରଜିଏନ୍‌ସି କାର୍ଯ୍ୟାଳୟ ମଧ୍ୟ ସ୍ଥାପନ କରାଯାଇଥିଲା । ତାହା ଅନ୍ତର୍ଗତ ଅତିଥିମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଖୁଦାମ୍‌ମାନେ ନିଷ୍ଠାର ସହିତ ଡ୍ୟୁଟି ଦେଉଥିଲେ । ପାର୍କିଂ ବ୍ୟବସ୍ଥା ମଧ୍ୟ ଏହି ବିଭାଗ ଅନ୍ତର୍ଗତ ରଖାଯାଇଥିଲା ।

**ନିଜାମତେ ତରବିୟତ୍**

ଏହି ବିଭାଗ ଅନ୍ତର୍ଗତ ଜଲ୍‌ସାସାଲାନା କାଦିଆନ୍‌ର ଦିନ ଗୁଡ଼ିକରେ ତା-୨୨ ଡିସେମ୍ବର୍ ୨୦୧୮ରୁ ୨-ଜାନୁଆରୀ ୨୦୧୯ ପର୍ଯ୍ୟନ୍ତ ମସ୍‌ଜିଦ୍ ଅକ୍‌ସା, ମସ୍‌ଜିଦ୍ ମୁବାରକ୍ ଏବଂ ମହଲା ଦାରୁଲ୍ ଅନ୍‌ୱାର୍‌ଠାରେ ଅବସ୍ଥିତ ମସ୍‌ଜିଦ୍ ଅନ୍‌ୱାର୍‌ରେ ବାଜମାତ୍ ନମାଜ ତହଜୁଦ୍ ପଢ଼ିବାର ବ୍ୟବସ୍ଥା କରାଯାଇଥିଲା । ସେହିପରି କାଦିଆନ୍‌ର ଅନ୍ୟ ସମସ୍ତ ମହଲା ଗୁଡ଼ିକରେ ବିଭିନ୍ନ ନଅଗୋଟି ମସ୍‌ଜିଦ୍‌ରେ ମଧ୍ୟ ଜଲ୍‌ସାସାଲାନାର ଏହି ତିନି ଦିନ ବାଜମାତ୍ ନମାଜ୍ ତେହ୍‌ଯୁଦ୍ ପାଠ କରିବାର ବ୍ୟବସ୍ଥା କରାଯାଇଥିଲା । ଅଲ୍ଲାଃଙ୍କ ଦୟାବଳରୁ ଧାର୍ଯ୍ୟ ହୋଇଥିବା ନମାଜ ସମୟ ପୂର୍ବରୁ ତହଜୁଦ୍ ପଢ଼ିବା ପାଇଁ ଲୋକମାନେ ମସ୍‌ଜିଦ୍‌ରେ ପହଂଚି ଦୁଆ କରିବାରେ ଲାଗିରହୁଥିଲେ । ଏହି ଦୃଶ୍ୟକୁ ଦେଖି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏହି ପଦଟି ସ୍ୱତଃପ୍ରୁତ ଭାବେ ମୁହଁରେ ଜାରି ହୋଇଯାଉଅଛି ।

*ଚଲ୍ ରହି ହୈ ନସିମେଁ ରହ୍‌ମତ୍ କି*
*ଜୋ ଦୁଆ କିଜିଏ କୁବୁଲ୍ ହୈ ଆଜ୍*

ସେହିପରି ସମସ୍ତ ମସ୍‌ଜିଦ୍‌ରେ ଫଜର୍ ନମାଜ ପରେ ତଫ୍‌ଶିର୍ କବିର୍‌ରୁ ଦରସ୍‌ର ବ୍ୟବସ୍ଥା କରାଯାଇଥିଲା । ନମାଜ ତହଜୁଦ୍ ନିମନ୍ତେ ଲୋକମାନଙ୍କୁ ଲାଉଡ୍ ସ୍ପିକର୍ ଜରିଆରେ ଏବଂ ଦରୁଦ୍ ଶରିଫ୍ ପଢ଼ିବା ମାଧ୍ୟମରେ ଜଗାଇ ଦିଆଯାଉଥିଲା । ଏହି ବିଭାଗ ଅନ୍ତର୍ଗତ କାଦିଆନ୍‌ର ବିଭିନ୍ନ ଗଳି ଓ ସଡ଼କ ରାସ୍ତାରେ ତାଲିମି ଓ୍ୱ ତରବିୟତି (ଶିକ୍ଷା ଓ ତରବିୟତ) ସମ୍ବନ୍ଧୀୟ) ସୁନ୍ଦର ବ୍ୟାନର୍ ଲଗାଯାଇଥିଲ । ଏତଦ୍‌ବ୍ୟତୀତ ଉର୍ଦ୍ଦୁ ଏବଂ ଇଂରାଜୀ ଭାଷାରେ ଜଲ୍‌ସାସାଲାନାର ପ୍ରୋଗ୍ରାମ୍ ଗୁଡ଼ିକୁ ଛୋଟ ପୁସ୍ତକ ମାଧ୍ୟମରେ ପ୍ରକାଶ କରାଯାଇଥିଲା ଯେଉଁଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ଜଲ୍‌ସାସାଲାନା ନିମନ୍ତେ ଥିବା ମୂଲ୍ୟବାନ୍ ଉପଦେଶାବଳୀ ଗୁଡ଼ିକ ପ୍ରକାଶ କରାଯାଇଥିଲା ।

**ବଇତୁଲ୍ ଦୁଆ ଠାରେ ନଓ୍ୱାଫିଲ୍ ନମାଜ ପାଠ ଏବଂ ପବିତ୍ରପୀଠର ପରିଦର୍ଶନ**

ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ଭାରତ ଏବଂ ବିଭିନ୍ନ ଦେଶରୁ ଆସିଥିବା ସମ୍ମାନୀୟ ଅତିଥିମାନଙ୍କ ନିମନ୍ତେ ନିୟମିତ ରୂପେ ଶୃଙ୍ଖଳିତ ଶୈଳୀରେ ବଇତୁଲ୍ ଦୁଆରେ ନଓ୍ୱାଫିଲ୍ ପଢ଼ିବାର ବ୍ୟବସ୍ଥା କରାଯାଇଥିଲା । ଅତିଥିମାନେ ବହୁତ ସଉକର ସହିତ ଏବଂ ଉତ୍ସାହିତ ହୋଇ ବଇତୁଲ୍ ଦୁଆରେ ନଓ୍ୱାଫିଲ୍ ପଢ଼ିବା ନିମନ୍ତେ ବହୁ ସମୟ ପର୍ଯ୍ୟନ୍ତ ଲମ୍ବା ଲମ୍ବା ଲାଇନ୍‌ରେ ନିଜ ପାଳିକୁ ଅପେକ୍ଷା କରି ରହୁଥିଲେ ଏବଂ ସେହି ସମୟ ଭିତରେ ଅଲ୍ଲାଃଙ୍କ ଗୁଣଗାନ ଓ ଦରୁଦ୍ ସରିଫ୍ ପାଠ କରୁଥିଲେ । ସେହିପରି ବିଭିନ୍ନ ପବିତ୍ର ପୀଠ ଗୁଡ଼ିକ ଉଦାହରଣ ସ୍ୱରୂପ ମସ୍‌ଜିଦ୍ ମୁବାରକ୍, ମସ୍‌ଜିଦ୍ ଅକ୍‌ସା, ମନାରତୁଲ୍ ମସିହ୍, ଦାରୁଲ୍ ମସିହ୍, ବେହେଶ୍ତି ମକ୍‌ବରାଃ ଏବଂ ମସ୍‌ଜିଦ୍ ନୁର୍ ଇତ୍ୟାଦିରେ ବହୁତ ସଂଖ୍ୟାରେ ଅତିଥିମାନଙ୍କର ଗହଳି ବହୁତ ସଉକର ସହିତ ହେଉଥିଲା । ଅତିଥିମାନେ ଏହି ପବିତ୍ର ପୀଠଗୁଡ଼ିକ ପରିଦର୍ଶନ କଲେ । ବିଶେଷ ରୂପେ ଦାରୁଲ୍ ମସିହ୍‌ଠାରେ ଅବସ୍ଥିତ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ହଜ୍‌ରତ୍ ଅମ୍ମାଜାନ୍ ର:ଅ ଏବଂ ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ରହିବା ସ୍ଥାନଗୁଡ଼ିକୁ ଅତିଥିମାନେ ବହୁତ ଭକ୍ତିର ସହିତ ପରିଦର୍ଶନ କଲେ । ବଇତୁଲ୍ ଦୁଆରେ ନଓ୍ୱାଫିଲ୍ ପଢ଼ିବା ଏବଂ ଦାରୁଲ୍ ମସିହ୍‌ର ପରିଦର୍ଶନ ନିମନ୍ତେ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ଅଲଗା ଅଲଗା ସମୟ ନିର୍ଦ୍ଧାରିତ କରାଯାଇଥିଲା । ହଜୁର୍ ଅନ୍‌ୱର୍‌ଙ୍କ ହିଦାୟତ୍ ମୁତାବକ ଲଙ୍ଗର୍‌ଖାନା ଗୁଡ଼ିକରେ ଏବଂ ସେହି ଆବାସସ୍ଥଳୀ ଗୁଡ଼ିକରେ ଯେଉଁଠି କର୍ମୀମାନଙ୍କୁ ବହୁତ ବ୍ୟସ୍ତ ରହିବାକୁ ପଡୁଛି, ସେମାନଙ୍କ ପାଇଁ ବାଜମାତ୍ ନମାଜ ପଢ଼ିବାର ବ୍ୟବସ୍ଥା କରାଯାଇଥିଲା ।

ଜଲ୍‌ସା ଦିନ ଗୁଡ଼ିକରେ ହଜୁର୍ ଅନ୍‌ୱର୍‌ଙ୍କ ଖୁତ୍‌ବାଜୁମା କାଦିଆନ୍‌ର ସମସ୍ତ ମସ୍‌ଜିଦ୍ ଗୁଡ଼ିକରେ ଶୁଣିବାର ଓ ଦେଖିବାର ବ୍ୟବସ୍ଥା କରାଯାଇଥିଲା । ୨୮ ଡିସେମ୍ବର୍‌ର ଖୁତ୍‌ବାଜୁମା ମସ୍‌ଜିଦ୍ ଅନ୍‌ୱାର୍‌ଠାରେ ପ୍ରୋଜେକ୍ଟର୍ ମାଧ୍ୟମରେ ଦେଖାଇବାର ବ୍ୟବସ୍ଥା କରାଯାଇଥିଲା । ଯେବେ କି ମହିଳାମାନଙ୍କ ପାଇଁ ସରାଏ ତାହେର୍ ଠାରେ ବ୍ୟବସ୍ଥା କରାଯାଇଥିଲା ।

**ନିଜାମତେ ତର୍ଜୁମାନି (ଅନୁବାଦ ବିଭାଗ)**

ଏବର୍ଷ ଜଲ୍‌ସାସାଲାନା କାଦିଆନ୍ ୨୦୧୮ ଅବସରରେ ନିମ୍ନଲିଖିତ ନଅଗୋଟି ଭାଷାରେ ଜଲ୍‌ସାର ଭାଷଣଗୁଡ଼ିକୁ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡ଼ିକର କ୍ରମାଗତ ଭାବେ ଅନବରତ ଅନୁବାଦର ବ୍ୟବସ୍ଥା କରାଯାଇଥିଲା । ଆରବୀ, ରସିୟାନ୍, ଇଣ୍ଡୋନେସିଆନ୍, ଇଂରାଜୀ, ମାଲାୟାଲମ୍, ତାମିଲ୍, ତେଲଗୁ, ବଙ୍ଗାଳୀ ଏବଂ କନ୍ନଡ଼ । ଅଲ୍ଲାଃତାଲାଙ୍କ ଦୟାବଳରୁ ଏହି ସମସ୍ତ ଭାଷାର ଅନୁବାଦକମାନେ ବହୁତ ସୁନ୍ଦର ରୂପେ ଅନୁବାଦ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କଲେ । ଜଲ୍‌ସାର ସମସ୍ତ ପ୍ରୋଗ୍ରାମ୍ ଏବଂ ବିଶେଷ ରୂପେ ହଜୁର୍ ଅନ୍‌ୱର୍ ଅ:ବ:ଅଙ୍କ ଉଦ୍‌ଯାପନୀ ଅଭିଭାଷଣକୁ ଉପରବର୍ଣ୍ଣିତ ନଅଗୋଟି ଭାଷାରେ ଅନୁବାଦ କରାଗଲା ଓ ବହୁ ସଂଖ୍ୟାରେ ପୁରୁଷ ଓ ମହିଳାମାନେ ଏହି ଅନୁବାଦ ବ୍ୟବସ୍ଥାରୁ ଲାଭ ଉଠାଇଲେ । ମହିଳାମାନଙ୍କର ବିଶେଷ ସେସନ୍‌କୁ ମଧ୍ୟ ପାଂଚୋଟି ଭାଷାରେ (ଆରବୀ, ଇଂରାଜୀ, ଇଣ୍ଡୋନେସିଆନ୍, ମାଲାୟାଲମ୍ ଏବଂ ବଙ୍ଗଳା) ଅନୁବାଦର ବ୍ୟବସ୍ଥା କରାଯାଇଥିଲା ।

**ଏଲାନାତେ ନିକାହ୍ (ନିକାହ୍‌ର ଘୋଷଣା)**

ଜମାତ୍‌ର ସଦସ୍ୟମାନଙ୍କର ଏ ଅଭିଳାଷା ରହିଥାଏ କି ଯେବେ ସେମାନେ ଜଲ୍‌ସାସାଲାନା କାଦିଆନ୍‌ରେ ଯୋଗ ଦେବେ ସେମାନଙ୍କ ପିଲାମାନଙ୍କ ନିକାହ୍ ମସିହ୍ ମଉଦ୍ ଏବଂ ମେହ୍‌ଦୀ ମାହୁଦ୍‌ଙ୍କ ପବିତ୍ର ଓ ବା ବରକତ୍ ବସ୍ତିରେ ପଢ଼ାଯାଉ । ଅଲ୍ଲାଃତାଲାଙ୍କ କରୁଣାବଳରୁ ଏବର୍ଷ ଜଲ୍‌ସାସାଲାନ ଅବସରରେ ତା-୨୯ ଡିସେମ୍ବର୍ ୨୦୧୮ ଶନିବାର ଦିନ ମସ୍‌ଜିଦ୍ ଦାରୁଲ୍ ଅନ୍‌ୱାର୍‌ଠାରେ ମୋକରମ୍ ମୌଲାନା ମୋଜଫର୍ ଅହେମଦ୍ ନାସିର୍ ସାହେବ୍ ନାଜ୍‌ରେ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍ ନମାଜ ମଗ୍‌ରିବ୍ ଓ ଇଶା ପାଠ ପରେ ୨୨ ଗୋଟି ନିକାହ୍‌ର ଘୋଷଣା କଲେ । ଏହି ଅବସରରେ ସେ ନିର୍ବାଚିତ ଆୟତ ଗୁଡ଼ିକ ପାଠ କରିବା ପରେ ହଜୁର୍ ଅନ୍‌ୱର୍ ଅ:ବ:ଅଙ୍କ ଦ୍ୱାରା ପ୍ରଦତ୍ତ ବିବାହ ସମ୍ବନ୍ଧିତ ଅମୂଲ୍ୟ ଉପଦେଶାବଳୀ ଗୁଡ଼ିକୁ ପଢ଼ି ଶୁଣାଇଲେ ଓ ତା ପରଦିନ ଗୁଡ଼ିକରେ ଆହୁରି ବାରଗୋଟି ନିକାହ୍‌ର ଘୋଷଣା ମଧ୍ୟ କରାଗଲା ।

**ପ୍ରଦର୍ଶନୀ**
**''ଇସ୍‌ଲାମେ ଅମ୍‌ନେ ଆଲମ୍''**
**ପ୍ରଦର୍ଶନୀ**

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ମଞ୍ଜୁରୀ କ୍ରମେ ଦାରୁସ୍ ସଲାମ୍ କୋଠୀଠାରେ ଅବସ୍ଥିତ ହଜ୍‌ରତ୍ ନଓ୍ୱାବ୍ ମୁହମ୍ମଦ୍ ଅଲୀ ଖାନ୍ ସାହେବ୍ ର:ଅଙ୍କ କୋଠୀରେ ଏହି ପ୍ରଦର୍ଶନୀକୁ ଲଗାଇବାର ବ୍ୟବସ୍ଥା କରାଯାଇଛି ଯାହାର ଉଦ୍‌ଘାଟନ ତା-୨୨ଡିସେମ୍ବର୍ ଦିନ ଆଡିସିନାଲ୍ ନାଜ୍‌ରେ ଆଲା ଜୁନୁବିହିନ୍ଦ୍ ପ୍ରାର୍ଥନା ସହିତ କରିଥିଲେ । ଏହି ପ୍ରଦର୍ଶନୀରେ ଇସ୍‌ଲାମୀୟ ଶିକ୍ଷା ଆଲୋକରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଶାନ୍ତି ସ୍ଥାପନ ପ୍ରସଙ୍ଗରେ ଥିବା ଉପଦେଶାବଳୀ ଏବଂ ସୟଦ୍‌ନା ହଜୁର୍ ଅନ୍‌ୱର୍ ଅ:ବ:ଅଙ୍କ ବିଶ୍ୱବ୍ୟାପୀ ଶାନ୍ତି ସ୍ଥାପନ ନିମନ୍ତେ ଥିବା ଚେଷ୍ଟା ପ୍ରସଙ୍ଗରେ ଥିବା ଉପଦେଶାବଳୀ ଗୁଡ଼ିକୁ ସୁନ୍ଦର ଫ୍ଲେକ୍ସ ଗୁଡ଼ିକୁ ଲଗାଯାଇଥିଲା । ତା-୨୩ ଡିସେମ୍ବର୍ ୨୦୧୮ରୁ ୫ ଜାନୁୟାରୀ ୨୦୧୯ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୯ଟା ରୁ ରାତି ୯ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ଖୋଲା ରହୁଥିଲା । ବହୁତ ଦୂରରେ ଥିବା ସତ୍ତ୍ୱେ ମଧ୍ୟ ବହୁ ସଂଖ୍ୟାରେ ଅତିଥିମାନେ ତାହା ପ୍ରଦର୍ଶନ କଲେ । ୨୦ଟି ଦେଶର ଲୋକେ ଏହି ପ୍ରଦର୍ଶନୀକୁ ଦେଖିଲେ । ସେମାନଙ୍କର ସଂଖ୍ୟା ୪୧୪୨ ଥିଲା । ୬୨୪ଜଣ ଲୋକ ନିଜର ମନୋଭାବକୁ କଲମ ଜରିଆରେ ବ୍ୟକ୍ତ କଲେ । ପାଠକଙ୍କ ନିମନ୍ତେ କିଛି ମନୋଭାବକୁ ନିମ୍ନରେ ଦରଜ କରାଯାଉଅଛି ।

ମୋକରମା ଡାକ୍ତର ନସିରା ନୁଜହତ୍ ସାହିବା (ପାକିସ୍ତାନ୍ ନିବାସୀ) ଲେଖୁଛନ୍ତି:-

ଖିଲାଫତେ ଅହେମଦୀୟାର ବର୍‌କତ୍ ଏବଂ ପଂଚମ ଖିଲାଫତ୍ ବା ବର୍‌କତ୍ ଯୁଗରେ ସାରା ପୃଥିବୀରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ କରାଯାଇଥିବା ଚେଷ୍ଟା ସମ୍ବନ୍ଧରେ ଚର୍ଚ୍ଚା କରାଗଲା । ପ୍ରୋଗ୍ରାମ୍ ଚାଲିଥିବା ସମୟରେ ନିମ୍ନଲିଖିତ ଛୋଟ ଛୋଟ ଡକ୍ୟୁମେଂଟାରୀ ମଧ୍ୟ ପ୍ରଦର୍ଶନ କରାଗଲା ।

କାଦିଆନ୍‌ରେ ଥିବା ପବିତ୍ର ପୀଠ ଗୁଡ଼ିକର ସଂକ୍ଷିପ୍ତ ପରିଚୟ । ଜଲ୍‌ସାସାଲାନା କାଦିଆନ୍‌ର ପ୍ରସ୍ତୁତି, ବ୍ୟବସ୍ଥାପିକା ବିଭାଗ ଏବଂ ଜଲ୍‌ସାସାଲାନା କାଦିଆନ୍‌ରେ ସାମିଲ୍ ହୋଇଥିବା ଆଫ୍ରିକିୟ ଅତିଥିମାନଙ୍କର ମନୋଭାବ ବ୍ୟକ୍ତ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ଜୀବନର ଘଟଣାବଳୀ ଗୁଡ଼ିକୁ ଇଂଟରଭ୍ୟୁ ରୂପେ ଉପସ୍ଥାପନ କରାଗଲା । କିଛି ନୌମୁବାଇନ୍ ମାନଙ୍କ ଅହେମଦୀୟତ୍ ଗ୍ରହଣ ସମ୍ବନ୍ଧିତ ଘଟଣାବଳୀ । ପ୍ରକୃତ ଇସ୍‌ଲାମୀୟ ଖିଲାଫତ୍‌ର ପରିଚୟ ଉପରେ ଆଧାରିତ ଭିଡିଓ । ଖିଲାଫତେ ଅହେମଦୀୟାର ବର୍‌କତ୍ ଏବଂ ବିଶ୍ୱବ୍ୟାପୀ ଜମାତ୍ ଅହେମଦୀୟାର ଉନ୍ନତି । ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରଶଂସାରେ କସିଦା ପାଠ ।

**ପ୍ରେସ୍ ଏଣ୍ଡ ମିଡିଆ**

ଜଲ୍‌ସାସାଲାନା କାଦିଆନ୍ ୨୦୧୮ ଅବସରରେ ପ୍ରିଂଟ୍ ଏବଂ ଇଲେକ୍‌ଟ୍ରୋନିକ୍‌ସ୍ ମିଡିଆ ମାଧ୍ୟମରେ ବ୍ୟାପକ ରୂପେ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷାକୁ ପ୍ରସାର କରାଗଲା । ଜଲ୍‌ସାଗାଃରେ ଗୋଟିଏ ଅତି ସୁନ୍ଦର ମିଡିଆ ସେଂଟର୍ ନିର୍ମାଣ କରାଯାଇଥିଲା ଯେଉଁଥିରେ ଶାନ୍ତି ସ୍ଥାପନ ସମ୍ବନ୍ଧରେ ହଜୁର୍ ଅନୱରଙ୍କ ବିଭିନ୍ନ ଉପଦେଶାବଳୀ ଗୁଡ଼ିକୁ ପ୍ରଦର୍ଶନ କରାଯାଇଥିଲା ଓ ମିଡିଆର ପ୍ରତିନିଧି ମାନଙ୍କୁ ସେଠାରେ ବସାଇ ଜମାତ୍ ଏବଂ ଜଲ୍‌ସାସାଲାନ ସମ୍ବନ୍ଧରେ ତଥ୍ୟ ଓ ଜ୍ଞାନ ଦିଆଯାଉଥିଲା । ଅଲ୍ଲାଃତାଲାଙ୍କ ଦୟାବଳରୁ ଜଲ୍‌ସାସାଲାନା କାଦିଆନ୍‌ର ଦିନ ଗୁଡ଼ିକରେ ଛପନଟି ଭିନ୍ନଭିନ୍ନ ପ୍ରିଂଟ୍ ଏବଂ ଇଲେକ୍‌ଟ୍ରୋନିକ୍ ମିଡିଆର ପ୍ରତିନିଧିମାନେ କାଦିଆନ୍‌ରେ ପହଂଚିଥିଲେ । ଜଲ୍‌ସାସାଲାନା ସମ୍ବନ୍ଧୀୟ ଖବର ଭାରତର ଛଅଟି ଭିନ୍ନ ଭିନ୍ନ ରାଜ୍ୟରେ ପଚିଶିଟି ଖବରକାଗଜରେ ମୋଟ ୫୨ଗୋଟି ଖବର ପ୍ରକାଶ ପାଇଥିଲା । ଜଲ୍‌ସାସାଲାନା କାଦିଆନ୍ ୨୦୧୮ରେ ଖବର ୧୧ଗୋଟି ଭିନ୍ନ ଭିନ୍ନ ଟି.ଭି. ଚ୍ୟାନେଲରେ ପ୍ରସାରଣ କରାଗଲା । ସେ ସବୁର ମୋଟ ଅବଧି ହେଉଛି ଏକ ଘଂଟା ସତାବନ ମିନିଟ୍ । ଏତଦ୍‌ବ୍ୟତୀତ ଜଲ୍‌ସାସାଲାନାର ଖବର ପାଂଚଟି ଭିନ୍ନ ଭିନ୍ନ ୱେବ୍ ପୋର୍ଟାଲ୍‌ରେ ପବ୍ଲିସ୍ କରାଗଲା ଏବଂ ସୋସିଆଲ୍ ମିଡିଆରେ ୧୧୮ଟି ପୋଷ୍ଟ ଜଲ୍‌ସାସାଲାନା ସମ୍ବନ୍ଧରେ ପକାଯାଇଥିଲା ।

ଅଲ୍ଲାଃତାଲା ସମସ୍ତ ସେବାକାରୀମାନଙ୍କୁ, ଯେଉଁମାନେ ଅତ୍ୟନ୍ତ ନିଷ୍ଠା ଓ ଭକ୍ତିର ସହିତ ସେବା କାର୍ଯ୍ୟକୁ ସମ୍ପାଦନ କରିଛନ୍ତି ଓ ସେହିପରି ଜଲ୍‌ସାରେ ଯୋଗଦେଇଥିବା ଲୋକମାନଙ୍କୁ ଯେଉଁମାନେ ଦୂରଦୂରାନ୍ତରୁ ବହୁତ କଷ୍ଟ ଉଠାଇ ଓ ଆର୍ଥିକ ବୋଝକୁ ବର୍‌ଦାସ୍ତ କରି ଜଲ୍‌ସାସାଲାନାରେ ସାମିଲ୍ ହୋଇଛନ୍ତି, ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରାର୍ଥନାର ଉତରାଧିକାରୀ ବନାଉ ଯାହା ଆପଣ ଆ:ସ ଜଲ୍‌ସାରେ ଯୋଗଦେଇଥିବା ଲୋକମାନଙ୍କ ସପକ୍ଷରେ କରିଛନ୍ତି । ଆମିନ୍ ।

ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ...

ଲେଖିଦେଉଥିଲେ । କହୁଛନ୍ତି ବେଳେବେଳେ କିଛି ଥଣ୍ଡ ଗରମ ମଧ୍ୟ ହୋଇଯାଉଥିଲା ଅର୍ଥାତ୍ ପ୍ରୋଗ୍ରାମ୍ ବନାଇବା ସମୟରେ ଯୁକ୍ତିତର୍କ ହେଉଥିଲା ଯେ ଯାକୁ ଏପରି ନୁହେଁ ଏପରି କରିବା ଉଚିତ୍ କିନ୍ତୁ ସେ ଏତେ ନମ୍ର ଓ ବିନୟ ବ୍ୟକ୍ତି ଥିଲେ ଯେ ତାଙ୍କ ମଥାର ରେଖା କେବେ ମୋଡି ହେଉନଥିଲା । (ଅର୍ଥାତ୍ ସେ କେବେ କ୍ରୋଧ କରୁନଥିଲେ) । ଏପରି ଲାଗୁଥିଲା ଯେପରି ତାଙ୍କ କାନରେ କୌଣସି କଟୁ କଥା ପଡିନାହିଁ । ଯଦି ଅନ୍ୟକେହି ଏକଥା କହୁଥିଲା ତେବେ ଅଳ୍ପ ହସିଦେଇ ବହୁତ ସହଜତାର ସହିତ ଯେଉଁଠାରେ ଏହି ପ୍ରୋଗ୍ରାମ୍‌ଟି ବନ୍ଦ ହୋଇଯାଇଥିଲା ସେଠାରୁ ରେକର୍ଡିଂ ପୁନର୍ବାର ଆରମ୍ଭ କରାଇ ଦେଉଥିଲେ ।

ପ୍ରଫେସର୍ ସଉଦ୍ ଖାନ୍ ସାହେବ୍‌ଙ୍କ ଦେହାନ୍ତ ପରେ ତାଙ୍କ ପଡିଶାରେ ରହୁଥିବା ପଡୋଶୀ ଫଜଲ୍ ଏଲାହି ମଲ୍‌କ୍ ସାହେବ୍ ବହୁତ ଜୋର୍‌ରେ କାନ୍ଦି କାନ୍ଦି ଏକଥା ପ୍ରକାଶ କରିଥିଲେ କି ଏଭଳି ପଡୋଶୀ ସମସ୍ତଙ୍କୁ ମିଳେନାହିଁ । ସେ ବହୁତ ସାଧା ମିଜାଜ୍‌ର ଏବଂ ଜଣେ ଜ୍ଞାନୀ ବ୍ୟକ୍ତି ଥିଲେ ।

ତାଙ୍କ ଅନ୍ତେ ତାଙ୍କ ପଛରେ ଜଣେ ଝିଅ ଏବଂ ଦୁଇଜଣ ପୁଅ ଅଛନ୍ତି । ତାଙ୍କର ଜଣେ ପୁଅ ସାଆଦ୍ ସଉଦ୍ ସାହେବ୍ ୟୁ.କେ ରେ ଗୋଟିଏ ଜମାତ୍‌ର ସଦର୍ ରୂପେ ମଧ୍ୟ ଖିଦ୍‌ମଦ୍ ସମ୍ପାଦନ କରୁଛନ୍ତି । ଅଲ୍ଲାଃତାଲା ତାଙ୍କ ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରନ୍ତୁ । ତାଙ୍କ ସମ୍ବନ୍ଧରେ ଯାହାକିଛି ଲେଖାଯାଇଛି ବାସ୍ତବରେ ସେ ସେହିପରି ହିଁ ଥିଲେ । ଏକଥା ମୁଁ ପୂର୍ବରୁ ମଧ୍ୟ କହିସାରିଛି ଯେ ତାଙ୍କ ପୁଣ୍ୟ ଗୁଡ଼ିକ ତାଠାରୁ ବହୁତ ଅଧିକ ଥିଲା । ଖିଲାଫତ୍ ସହିତ ତାଙ୍କର ସମ୍ପର୍କ ଅତ୍ୟନ୍ତ ପ୍ରେମଭରା ଓ ଆଜ୍ଞାବହତାର ସମ୍ପର୍କ ଥିଲା ଏବଂ ତାହା ଅସାଧାରଣ ସ୍ତରକୁ ପହଂଚିଥିଲା । ଅଲ୍ଲାଃତାଲା ତାଙ୍କ ସନ୍ତାନ ଓ ତାଙ୍କ ବଂଶକୁ ମଧ୍ୟ ଖିଲାଫତ୍ ଏବଂ ଜମାତ୍ ସହିତ ସର୍ବଦା ଯୋଡି ରଖୁ ଏବଂ ତାଙ୍କ ପଦମର୍ଯ୍ୟାଦାକୁ ବଢ଼ାଇଚାଲୁ । ନମାଜ ପାଠ ପରେ ମୁଁ ତାଙ୍କର ନମାଜ ଯନାଜାଃ ଗାଏବ୍ ମଧ୍ୟ ପଢ଼ାଇଲି ।

ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ...

ବ୍ୟକ୍ତ କରି କହିଲେ:- ଖଲିଫାଙ୍କ ଭାଷଣ ବୁଝିବା ପାଇଁ ବହୁତ ସହଜ ଥିଲା । ସ୍ପଷ୍ଟ ରୂପେ ଏହା ଜଣାପଡୁଥିଲା ଯେ ଶବ୍ଦଗୁଡ଼ିକ ଅନ୍ତରାତ୍ମାରୁ ବାହାରି ଶ୍ରୋତାଗଣଙ୍କ ହୃଦୟ ଭିତରେ ପ୍ରବେଶ କରୁଥିଲା । ମୁଁ ଆଶା ରଖୁଛି ଯେ ଜମାତ୍ ଅହେମଦୀୟାର ଏହି ସୁନ୍ଦର ମସ୍‌ଜିଦ୍ ଆମ ସହରରେ ସୁଖ ଶାନ୍ତିର ମୂଳଦୁଆ ରୂପେ ପ୍ରମାଣିତ ହେଉ । ଆପଣଙ୍କ ଜମାତ୍ ଆମ ସହରକୁ ଏକ ନୂଆ ଆଶା ସଂଚାର କରିଛି । ସେଥିପାଇଁ ଆମେ ଅନ୍ତରାତ୍ମାରୁ ଜମାତ୍‌ର କୃତଜ୍ଞତା ଜ୍ଞାପନ କରୁଛୁ ।

**Ms. Diane Bridges** ବର୍ଣ୍ଣନା କରୁଛନ୍ତି:- ଜମାତ୍ ଅହେମଦୀୟାର ଖଲିଫାଙ୍କ ବାର୍ତ୍ତା ଏକ ଯୁକ୍ତାତ୍ମକ ବାର୍ତ୍ତା ଥିଲା ଓ ତାହା ଏକ ସ୍ୱତନ୍ତ୍ରତା ଅବଲମ୍ବନ କରୁଥିଲା । କାରଣ ଆଜିର ଯୁଗରେ ବହୁତ କମ୍ ଏପରି ଲୋକେ ଅଛନ୍ତି ଯେଉଁମାନେ ଅନ୍ତରାତ୍ମାରୁ ଶାନ୍ତିପାଇଁ ଚେଷ୍ଟା କରୁଛନ୍ତି ଏବଂ ନିଜ କାର୍ଯ୍ୟ ଦ୍ୱାରା ତାହାକୁ ପ୍ରଚାର କରି ଏ ପୃଥିବୀରେ ଶାନ୍ତି ସ୍ଥାପନ କରୁଛନ୍ତି ।

**Mr. Bernard Smith** କହୁଛନ୍ତି:- ମୋର ବୟସ ହେଉଛି ୮୫ ଓ ମୁଁ ମୋ ଜୀବଦଶାରେ ପ୍ରଥମଥର ପାଇଁ ଖଲିଫତୁଲ୍ ମସିହ୍‌ଙ୍କୁ ଦର୍ଶନ କରିଛି ଓ ତାଙ୍କର ଆଧାତ୍ମିକ ଅଭିଭାଷଣକୁ ଶୁଣି ବହୁତ ପ୍ରଭାବିତ ହୋଇଛି । ମୁଁ ଆଶା କରୁଛି ଯେ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଆମ ସହରର ବାସିନ୍ଦାଙ୍କ ମଧ୍ୟରେ ଆଶାର କିରଣ ସଂଚାର କରିବ । ଆପଣଙ୍କ ମସ୍‌ଜିଦ୍ ମଧ୍ୟ ବହୁତ ସୁନ୍ଦର ଅଟେ । ପ୍ରକୃତରେ ମୁଁ ଆପଣଙ୍କ ମସଜିଦ୍ ବଇତୁଲ୍ ଆଫିୟତ୍ ନିକଟରେ ହିଁ ରହୁଛି ଓ ଏହି ମସ୍‌ଜିଦ୍‌ର ନିର୍ମାଣ ମୋ ଆଖି ଆଗରେ ହିଁ ସମ୍ପୂର୍ଣ୍ଣ ହୋଇଛି । ତାକୁ ପୂରଣ ହେବାର ଦେଖି ବହୁତ ଖୁସି ଅନୁଭବ କରୁଛି ।

**Sister Sylvia Strahler** କହୁଛନ୍ତି:- ମୁଁ ପାକିସ୍ତାନ୍‌ରେ କ୍ୟାଥୋଲିକ୍ କମ୍ୟୁନିଟିର ମେଡିକାଲ ମିଶନ୍‌ରେ ୫୨ବର୍ଷ କାର୍ଯ୍ୟ କରିସାରିଛି । ଆପଣଙ୍କ ମାର୍ଗଦର୍ଶକଙ୍କ ଭାଷଣରେ ଏକଥା ସ୍ପଷ୍ଟ ହେଉଛି ଯେ ଆପଣମାନେ ସମାଜରେ ଶାନ୍ତି ସ୍ଥାପନ କରିବା ନିମନ୍ତେ ତତ୍ ସହିତ ଗରିବ ଦୂର କରିବା ନିମନ୍ତେ ସଦାସର୍ବଦା ପ୍ରସ୍ତୁତ ରହିଛନ୍ତି । ଈଶ୍ୱର ଆପଣଙ୍କୁ ସାହାଯ୍ୟ କରନ୍ତୁ ଯଦ୍ୱାରା ଆପଣମାନେ ସମାଜରେ ଶାନ୍ତି ସ୍ଥାପନ ନିମନ୍ତେ ନିଜର ଭୂମିକା ନିର୍ବାହ କରିପାରିବେ ।

**Ms. Terry Guerra** ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ମୁଁ ଆଜି ପ୍ରଥମଥର ପାଇଁ ଜମାତ୍ ଅହେମଦୀୟାର ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଛି ଓ ଆଜି ଆପଣଙ୍କର ଖଲିଫାଙ୍କ ଭାଷଣକୁ ଶୁଣି ମୁଁ ଏଥିରେ ଉପନୀତ ହୋଇଛି ଯେ ଆପଣମାନେ ହେଉଛନ୍ତି ଇସ୍‌ଲାମ୍ ଧର୍ମର ଅତ୍ୟନ୍ତ ଉତମ ରାଜଦୂତ । ମୁଁ ଯେହେତୁ କ୍ୟାଥୋଲିକ୍ ଇସାଇ ସମ୍ପ୍ରଦାୟର ତେଣୁ ଆପଣଙ୍କର ଖଲିଫାଙ୍କର ଭାଷଣ ଶୁଣି ମୋତେ ଏପରି ଅନୁଭବ ହେଉଥିଲା କି ଯେପରି ଆମ କ୍ୟାଥୋଲିକ୍ କମ୍ୟୁନିଟିର ପୋପ୍ ଭାଷଣ ଦେଉଛନ୍ତି । ଆଜି ମୁଁ ଏଥିରେ ଉପନୀତ ହୋଇଛି କି ଯଦିଚ ଆମ ଧର୍ମ ଆପଣଙ୍କ ଧର୍ମଠାରୁ ଅଲଗା କିନ୍ତୁ ଦୁଇଧର୍ମର ପଛପଟେ ଗୋଟିଏ ହିଁ ଆତ୍ମା କାର୍ଯ୍ୟ କରୁଅଛି ।

**Sister Maria Hornung** ସାହିବା କହୁଛନ୍ତି:-ମୁଁ ଆପଣଙ୍କ କମ୍ୟୁନିଟି ସହିତ ପୂର୍ବରୁ ପରିଚିତ । ମୁଁ ଘାନାରେ ସେ ସମୟରେ କ୍ୟାଥୋଲିକ୍ ମିଶନ୍ ସହିତ କାମ କରିସାରିଛି । ଯେତେବେଳେ ଆପଣଙ୍କ ଖଲିଫା ଘାନାରେ ସେବା କରୁଥିଲେ । ତେଣୁ ଆଜି ଆପଣଙ୍କ ମସ୍‌ଜିଦ୍‌ରେ ଆସି ଆପଣଙ୍କ ଖଲିଫାଙ୍କ ଭାଷଣ ଶୁଣି ମୋତେ ଏ ଅନୁଭବ ହେଉଥିଲା ଯେ ଯେପରି ମୁଁ ମୋ ନିଜ ଘରେ ହିଁ ଅଛି । ଯେପରି ସୁନ୍ଦର ଶୈଳୀରେ ଆପଣଙ୍କ ଖଲିଫା ଭାଷଣ ଦେଇ ନିଜ ଦୃଢ଼ ସଂକଳ୍ପକୁ ଆମ ସହର ନିମନ୍ତେ ପ୍ରକାଶ କଲେ ନିଶ୍ଚିତ ରୂପେ ତାହା ଆମ ହୃଦୟରେ ଚୀରଦିନ ପାଇଁ ରହିବ । (କ୍ରମଶଃ...) (ବହୱାଲା ଅଖବାର୍ ବଦର୍ ଉର୍ଦ୍ଦୁ, ୧୩ ଡିସେମ୍ବର୍ ୨୦୧୮ ଏବଂ ୩-୧୦ ଜାନୁଆରୀ ୨୦୧୯)

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ନିମନ୍ତେ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

**ହୁ ୱଶ୍ ଶାଫି**

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ୍ରିପାର୍ଟମେଂଟ୍ ୟୁ.କେ)

(ଅଖବାର୍ ଅଲ୍‌ଫଜଲ୍ ଇଂଟରନ୍ୟାସିନାଲ୍ ୧୨ ମଇ ୨୦୧୭ କୁ ଧନ୍ୟବାଦ ।)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ଖୁସି ଲାଗିଲା ଯେତେବେଳେ ହଜୁର୍ କହିଲେ- ମୁଁ ନିଶ୍ଚିତ ରୂପେ ସାମିଲ୍ ହେବି । ଭାବନାତ୍ମକ ଦୃଷ୍ଟିକୋଣରୁ ଏହି ସଂକ୍ଷିପ୍ତ ବାର୍ତ୍ତାଳାପ ମୋତେ ବହୁତ ପ୍ରଭାବିତ କରିଛି । ଏଠାକୁ ଆସି ମୋତେ ବହୁତ ଖୁସି ଲାଗିଲା ।

ହଜୁର୍ ଅନୁଓ୍ବର୍ ପଡୋଶୀଙ୍କର ଯେଉଁ ସଂଜ୍ଞା ବର୍ଣ୍ଣନା କରିଛନ୍ତି ତାହା ମୋତେ ବହୁତ ଭଲ ଲାଗିଲା । ମୋ ୟୁନିଭର୍ସିଟି ଏଠାରୁ ଏକ ମାଇଲ୍ ଦୂରତାରେ ରହିଛି । ମୋ ପାଇଁ ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା ଥିଲା କି ୟୁନିଭର୍ସିଟିର ପ୍ରେସିଡେଂଟ୍ ନିଜର ବାର୍ତ୍ତାକୁ ପଠାଇବା ସମୟରେ କହିଲେ ଯେ ବର୍ତ୍ତମାନ ଆମେ ହେଉଛେ ପଡୋଶୀ । ଆସନ୍ତୁ ଆମେ ସମସ୍ତେ ମିଳିମିଶି ଶିକ୍ଷାର୍ଥୀମାନଙ୍କର ଏବଂ ଫିଲା ଡେଲ୍ଫିୟାର ଲୋକମାନଙ୍କୁ ଏକତା ନିମନ୍ତେ କାମ କରିବା । ଯେତେବେଳେ ହଜୁର୍ ଅନୁଓ୍ବର୍ ଏହି ବିଷୟ ବର୍ଣ୍ଣନା କଲେ ସେତେବେଳେ ମୁଁ ବୁଝିପାରିଲି ଯେ ଏହା ହିଁ ପ୍ରକୃତ କଥା ଏବଂ ଜଣେ ଅନ୍ୟଜଣଙ୍କ ସହିତ ଯୋଗାଯୋଗ ରଖିବାର ଅର୍ଥ କଣ । ହଜୁର୍ ଅନୁଓ୍ବର୍ ଏ ସହରର ଲୋକମାନଙ୍କ ନିମନ୍ତେ ଯେଉଁ ଶୁଭକାମନା କରିଛନ୍ତି ତାର ସମ୍ପର୍କ ବର୍ତ୍ତମାନ ସହିତ ନୁହେଁ ବରଂ ଆସନ୍ତା ସମୟ ସହିତ ରହିଛି । ହଜୁର୍ ଅନୁଓ୍ବରଙ୍କ ନିକଟରେ ଯେଉଁ ଏକ କଥା ମୁଁ ଦେଖିବାକୁ ପାଇଛି ତାହା ହେଉଛି ଏହା କି ସେ କେବଳ ବର୍ତ୍ତମାନ ସମୟ ବିଷୟରେ କଥା କହୁନାହାଁନ୍ତି ବରଂ ତାଙ୍କ ଦୃଷ୍ଟି ଆସନ୍ତା ସମୟ ଉପରେ ରହିଛି । ସେ ଆସନ୍ତା ସମୟ ପର୍ଯ୍ୟନ୍ତ ଫିଲା ଡେଲ୍ଫିୟା ନିମନ୍ତେ ବର୍କତ୍ ଛାଡି ଯାଇଛନ୍ତି । ମୁଁ କହିବାକୁ ଚାହୁଁଛି ଯେ ହଜୁର୍ ଅନୁଓ୍ବର୍ ଏଠାରେ ଗୋଟିଏ ମଞ୍ଜି ବୁଣି ଦେଇଛନ୍ତି । ବର୍ତ୍ତମାନ ତାକୁ ଦେଖାଶୁଣା କରିବା ଏବଂ ବଢ଼ାଇବା ହେଉଛି ଆମ କାର୍ଯ୍ୟ । ଏବଂ ତାକୁ ଭାଇଚାରା ଏବଂ ପ୍ରେମର ମଜବୁତ୍ ବୃକ୍ଷରେ ପରିବର୍ତ୍ତନ କରିବା ହେଉଛି ଆମର କାର୍ଯ୍ୟ ।

ଆଉଜଣେ ମହିଳା ନିଜର ମନୋଭାବ ବ୍ୟକ୍ତ କରି କହୁଛନ୍ତି:- ହଜୁର୍ ଅନୁଓ୍ବର୍ ଯେଉଁ କଥା କହିଛନ୍ତି ଅର୍ଥାତ୍ ଆମେ ଆପଣମାନଙ୍କର ଅଶ୍ରୁପୋଛିଦେବୁ ବୋଲି, କେତେ ଲୋକ ଏପରି ଅଛନ୍ତି ଯେଉଁମାନେ ଏପରି କଥା କହିପାରିବେ । ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଚକିତ ଥିଲା । ମୁଁ ମୋ ଭାବନାକୁ ଆୟତରେ ରଖିପାରିଲି ନାହିଁ । ନିଜର ବାର୍ତ୍ତା ଦେବାପାଇଁ ଜରୁରୀ ନୁହେଁ ଯେ ଉଚ୍ଚ ସ୍ବରରେ ଏବଂ ଉନ୍ମାଦର ସହିତ ଭାଷଣ ହେଉ । ସେହି ବାର୍ତ୍ତାକୁ ହଜୁର୍ ଅତ୍ୟନ୍ତ ପ୍ରେମ ଓ ସ୍ନେହର ଶୈଳୀରେ ଦେଲେ । ହଜୁରଙ୍କ ଉପସ୍ଥିତି ହିଁ ଆଶ୍ଚର୍ଯ୍ୟଚକିତ ପ୍ରଭାବ ରଖିଛି । ଅତି କମ୍‌ରେ ମୋ ପାଇଁ ତ ହଜୁରଙ୍କ ଉପସ୍ଥିତି ହିଁ ଯଥେଷ୍ଟ । ହଜୁରଙ୍କ ନୀରବ ଉପସ୍ଥିତି ସବୁକିଛି କହିଦେଉଛି ଏବଂ ଏହି ନୀରବ ଉନ୍ମାଦରେ ପରିପୂର୍ଣ୍ଣ ଭାଷଣଠାରୁ ଅଧିକା ପ୍ରଭାବ ରଖିଛି । ଏହି ଉପସ୍ଥିତି ବହୁତ ସ୍ଥିତପ୍ରଜ୍ଞ । ହଜୁର୍ ଅନୁଓ୍ବର କହିଲେ କି ଆବଶ୍ୟକ ହେଲେ ପ୍ରତ୍ୟେକ ପ୍ରକାରର ସାହାଯ୍ୟ ପାଇଁ ପ୍ରସ୍ତୁତ ରହିବୁ । ମୁଁ ଏପରି କୌଣସି ଧାର୍ମିକ ନେତାକୁ ଦେଖିନାହିଁ । ସେ କୌଣସି ପ୍ରକାରର ରାଜନୈତିକ ଲିଡର୍ ହେଉ, ଧାର୍ମିକ ହେଉ ବା ଅନ୍ୟ କେହି ହୁଅନ୍ତୁ । ଆମ ନିକଟରେ ଏପରି କୌଣସି ଲିଡର୍ ନାହାଁନ୍ତି । ହଜୁରଙ୍କ ଉପସ୍ଥିତିରେ ଏକ ପ୍ରକାର ଅଜବ ସ୍ଥିରତା ଥିଲା । ମୋତେ ବିଶ୍ବାସ କରନ୍ତୁ ଏହା ଅତ୍ୟନ୍ତ ଅଜବ ଅନୁଭବ ଥିଲା । ସେ ମୋତେ ବିଶ୍ବାସ ଦେଇଛନ୍ତି କି ଆପଣ ମୋ ଅସୁବିଧା ଓ ମୋ ଆବଶ୍ୟକ ସମୟରେ ମୋ ସହିତ ରହିବେ । ମୋର ବହୁତ ବଡ ସୌଭାଗ୍ୟ ଯେ ମୁଁ ଏଠାକୁ ଆସିଛି ।

ଆଉଜଣେ ସ୍ଥାନୀୟ ମହିଳା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି:- ଏହା ମୋ ପାଇଁ ବହୁତ ସମ୍ମାନର କଥା କି ମୁଁ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଛି । ମୁଁ ମହିଳାମାନଙ୍କ ମଧ୍ୟରେ ଯାଇ କେବଳ କିଛି କ୍ଷଣ ବିତାଇଲି ଓ ସେଥିରେ ବହୁତ ପ୍ରଭାବିତ ହେଲି । ହଜୁର୍ ଅନୁଓ୍ବରଙ୍କର ବାର୍ତ୍ତା ହିଁ ଅତ୍ୟନ୍ତ ଶାନ୍ଦାର ଥିଲା । ମୋତେ ନିମନ୍ତ୍ରଣ ଦେଇଥିବାରୁ ବହୁତ ବହୁତ ଧନ୍ୟବାଦ । ହଜୁର୍ ଅନୁଓ୍ବରଙ୍କ ଅଭିଭାଷଣ ମଧ୍ୟରେ ସବୁ ପ୍ରକାରର ଆବଶ୍ୟକ କଥା ଭରି ରହିଥିଲା । ଆପଣମାନଙ୍କର ମୋଟୋ 'ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ' ହେଉଛି ଏକ ଆନ୍ତର୍ଜାତୀୟ ବାର୍ତ୍ତା ଓ ଏହା ହିଁ ସମୟର ଆବଶ୍ୟକତା ।

ଆଉଜଣେ ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ହଜୁର୍ ଅନୁଓ୍ବରଙ୍କ କଥାରେ ବହୁତ ତତ୍ତ୍ୱ ଭରି ରହିଛି । ହଜୁର୍ ଅନୁଓ୍ବର୍ ଏ ବାର୍ତ୍ତା ଦେଇଛନ୍ତି କି ସେ ନିଜେ ଓ ତାଙ୍କ କମ୍ୟୁନିଟି ସର୍ବଦା ଲୋକାଲ୍ କମ୍ୟୁନିଟିକୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଏହା ଏକ ବହୁତ ସୁନ୍ଦର ବାର୍ତ୍ତା ଅଟେ । ହଜୁର ଅନୁଓ୍ବରଙ୍କୁ ଦର୍ଶନ କରିବା ଏକ ସୁନ୍ଦର ଅନୁଭବ ଥିଲା ।

ଆଉଜଣେ ମହିଳା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ଖଲିଫା ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ଆମ ସମାଜ ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ଲୋକମାନେ ଯେଉଁ ଦେଶରେ ରହୁଛନ୍ତି, ଯେଉଁଠି ଟ୍ୟାକ୍ସ୍ ଦେଉଛନ୍ତି, ଯେଉଁଠାରେ ତାଙ୍କ ପିଲାମାନେ ଲାଳିତ ପାଳିତ ହେଉଛନ୍ତି, ତାହା ଏପରି ଦେଶ ହେବା ଉଚିତ୍ ନୁହେଁ ଯେଉଁଠି କୌଣସି ପ୍ରକାରର ସାମାଜିକ ଭୟ ରହୁଥିବ । ସେଇଥିପାଇଁ ଖଲିଫାଙ୍କର ଶାନ୍ତି ବାର୍ତ୍ତା ଆମ ପାଇଁ ଓ ଆମ ସମାଜ ପାଇଁ ଏକ ଆଶାର କିରଣ ସଦୃଶ । ଏହା ବାର୍ତ୍ତା ବହୁତ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଅଟେ । ତେଣୁ ଆମ ସମସ୍ତଙ୍କୁ ସେହି ଉଦ୍ଦେଶ୍ୟକୁ ନିଜ ସମ୍ମୁଖରେ ରଖିବା ଉଚିତ୍ । ଏହି ପରିବେଶରେ ପ୍ରେମ ଓ ଶାନ୍ତିକୁ ପ୍ରଚାର କରିବା ହେଉଛି ବହୁତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏଠାକୁ ଆସି ବହୁତ ଖୁସି ଲାଗିଲା । ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ ।

ଆଉଜଣେ ଅତିଥି କହିଲେ- ଶାନ୍ତି ନିମନ୍ତେ ଥିବା ଖଲିଫାଙ୍କର ବାର୍ତ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଥିଲା । ହଜୁର୍ କହିଲେ କି ଜଣେ ଅନ୍ୟଜଣକ ସହିତ ପ୍ରେମ କର ଏବଂ ଏହା ହିଁ ଶାନ୍ତିର ସ୍ରୋତ ଅଟେ । ଯଦି ଜଣେ ଅନ୍ୟଜଣକୁ ଭଲ ପାଇବ ଓ ଜଣେ ଅନ୍ୟଜଣକର ଅଧିକାର ପ୍ରତି ଧ୍ୟାନ ଦେବ ତେବେ ଶାନ୍ତି ପ୍ରତିଷ୍ଠା ହୋଇଯିବ । ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଅଟେ । ଏ ପ୍ରୋଗ୍ରାମ୍ ବହୁତ ସୁବ୍ୟବସ୍ଥିତ ଥିଲା । ନିମନ୍ତ୍ରଣ ଦେଇଥିବା ଯୋଗୁ ବହୁତ ବହୁତ ଧନ୍ୟବାଦ ।

ଆଉଜଣେ ଅତିଥି ନିଜର ମନୋଭାବକୁ ପ୍ରକାଶ କରି କହିଲେ- ମୋତେ ଦୁଃଖ ଲାଗୁଛି ଯେ ଖଲିଫାଙ୍କ ଏଠୁ ଆସି ଏହି ପ୍ରକାରର ବାର୍ତ୍ତା ଦେବାକୁ ପଡିଲା କି ଇସ୍‌ଲାମ୍ ଠାରୁ ଏଠିକାର ପଡୋଶୀମାନଙ୍କୁ କୌଣସି ବିପଦ ନାହିଁ । ଦୁର୍ଭାଗ୍ୟ ବଶତଃ ଆମ ସମାଜ ଏତେମାତ୍ରାରେ ତଳକୁ ଖସିଯାଇଛି ଯେ ଏଠାକୁ ଆସି ହଜୁରଙ୍କୁ ଏକଥା କହିବାକୁ ପଡିଲା ଯେ ଆପଣମାନେ ପଡୋଶୀମାନଙ୍କର ଧ୍ୟାନ ରଖିବେ ଏବଂ ପ୍ରେମକୁ ପ୍ରଚାର କରିବେ ।

ଆଉଜଣେ ଅତିଥି କହିଲେ ଯେ ଜଣେ ଖ୍ରୀଷ୍ଟିୟାନ୍ ଭାବେ ମୁଁ ପ୍ରେମ ଉପରେ ବିଶ୍ବାସ ରଖୁଛି । ମୁଁ ତିରିଶି ଚାଳିଶି ବର୍ଷ ହେବ ଏ ଜମାତ୍‌କୁ ଜାଣିଛି । ନିଶ୍ଚିତ ରୂପେ ଏହା ଆମପାଇଁ ଦୁଃଖର କଥା ଯେ ଖଲିଫାଙ୍କୁ ଏ ବାର୍ତ୍ତା ଦେବାକୁ ପଡିଲା । ମୁଁ ବିଶ୍ବାସ ରଖୁଛି କି ଯେଉଁ ଲୋକମାନେ ଏଠାକୁ ଆସିବେ ସେମାନେ ଇଶ୍ବରଙ୍କ ପ୍ରେମ ହାସଲ କରିବେ, ଶାନ୍ତି ସ୍ଥାପନ କରିବେ ଏବଂ ଲୋକମାନଙ୍କର ସେବା କରିବେ । ହଜୁର୍ ଅନୁଓ୍ବରଙ୍କ ଆଗମନ ଦ୍ୱାରା ଏଠାରେ ବର୍କତ୍ ଅବତୀର୍ଣ୍ଣ ହୋଇଛି ।

ଆଉଜଣେ ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ଏଠାକୁ ଆସିବା ପୂର୍ବରୁ ମୁଁ ହଜୁର୍ ଅନୁଓ୍ବରଙ୍କ ଜାଣିନଥିଲି । ଏବେ ମୁଁ ତାଙ୍କ ସହିତ ମିଶିସାରିଛି । ହଜୁର୍ ଜଣେ ଆନ୍ତର୍ଜାତିକ ନେତା ଏବଂ ହଜୁରଙ୍କ ବ୍ୟକ୍ତିତ୍ୱ ଅତ୍ୟନ୍ତ ପ୍ରଭାବଶାଳୀ । ମୁଁ ହଜୁରଙ୍କ କଥା ଶୁଣିଛି, ତାଙ୍କର ଭାବନାକୁ ଦେଖିଛି, ସେ ବହୁତ ହିଁ ମହାନ୍ ବ୍ୟକ୍ତିବିଶେଷ ଅଟନ୍ତି ଓ ସଂସାରକୁ ସୁନ୍ଦର ରୂପେ ଗଢ଼ି ତୋଳିବା ପାଇଁ ସେ ଅତ୍ୟନ୍ତ ମହାନ୍ ବାର୍ତ୍ତାକୁ ନେଇ ଆସିଛନ୍ତି । ଆମ ସମସ୍ତଙ୍କୁ ସେହି ବାର୍ତ୍ତାକୁ ଆପଣେଇ ନେବା ଉଚିତ୍ । ବର୍ତ୍ତମାନ ପୃଥିବୀରେ ଏହି ବାର୍ତ୍ତା ବହୁତ ହିଁ ଉପଯୋଗୀ ଓ ଆବଶ୍ୟକ ଅଟେ । ଧୈର୍ଯ୍ୟ, ସହିଷ୍ଣୁତା, ଜଣେ ଅନ୍ୟଜଣକୁ ଉତ୍ତମ ରୂପେ ଜାଣିବା ପାଇଁ ଚେଷ୍ଟା କରିବା ଏହା ବହୁତ ହିଁ ଦୃଢ଼ ବାର୍ତ୍ତା ଅଟେ ।

ଫିଲା ଡେଲ୍‌ଫିୟା ପୋଲିସ୍ ଡିପାର୍ଟମେଂଟ୍‌ର ଇନିସ୍‌ପେକ୍ଟର୍ Mr. Convery ସାହେବ ନିଜର ମନୋଭାବ ବ୍ୟକ୍ତ କରି କହିଲେ:- ଆମ ସହର ଏବଂ ଆମ ସମାଜରେ ଶାନ୍ତି ସ୍ଥାପନ ନିମନ୍ତେ ଜମାତ୍ ଅହେମଦୀୟା ତରଫରୁ ପୋଲିସ୍ ସହିତ ମିଳିମିଶି କାର୍ଯ୍ୟ କରିବା ପାଇଁ ଯେଉଁ ଚେଷ୍ଟା ଅଛି ତାହା ଅତ୍ୟନ୍ତ ହିଁ ଖୁସିର କଥା । ଜମାତ୍ ଅହେମଦୀୟାର ଖଲିଫାଙ୍କ ଅଭିଭାଷଣ ଶୁଣି ହଲ୍ ଭିତରେ ବସିଥିବା ପ୍ରତ୍ରେକ ବ୍ୟକ୍ତି ଏ ଅନୁଭବ କରୁଥିଲା ଯେ ଯେପରି ଏହି ଭାଷଣଟି ତା ପାଇଁ ହିଁ ଉଦ୍ଦିଷ୍ଟ ଅଟେ ।

କମ୍ୟୁନିଟି ରିଲେସନ୍ ଅଫିସର୍ Mr. Ryan Barksdale ସାହେବ୍ କହିଲେ:- ଆପଣଙ୍କ ଜମାତ୍ ତରଫରୁ ନିମନ୍ତ୍ରଣ କରାଯାଇଥିବା ଯୋଗୁଁ ମୁଁ ବହୁତ ଆନନ୍ଦିତ । ଆମ ସହରରେ ଆପଣଙ୍କ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ଏବଂ ଇସ୍‌ଲାମ୍‌ର ଖଲିଫାଙ୍କ ପଦାର୍ପଣ ତତ୍‌ସହିତ ତାଙ୍କର ଅଭିଭାଷଣ ନିଶ୍ଚିତ ରୂପେ ଏକ ଐତିହାସିକ କଥା ଅଟେ ଏବଂ ଆଜି ଆମେ ମଧ୍ୟ ଏହି ଐତିହାସିକ ଘଟଣାକୁ ଦେଖି ଶାନ୍ତିର ଏହି ଇତିହାସର ଅଂଶ ହୋଇଯାଇଛୁ ଯାହା ଆମ ସମ୍ମୁଖରେ ହିଁ ଘଟୁଅଛି ।

Ms. Hajja Kiniaya Sharrieff ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି:- ମୁଁ ଏହା ପୂର୍ବରୁ ଘାନା ସଲଟ୍ ପଣ୍ଡ୍ ନିକଟରେ ଜମାତ୍ ଅହେମଦୀୟାର ମସ୍‌ଜିଦ୍ ଓ ସ୍କୁଲ୍‌କୁ ଦେଖିସାରିଛି । ଆଜି ଜମାତ୍ ଅହେମଦୀୟାର ଖଲିଫାଙ୍କୁ ଦେଖି ବହୁତ ଖୁସି ଲାଗୁଛି । ହଜୁରଙ୍କ ଅଭିଭାଷଣ ଏକ ସମ୍ପୂର୍ଣ୍ଣ ଏବଂ ଅତ୍ୟନ୍ତ ଆକର୍ଷଣୀୟ ଭାଷଣ ଥିଲା । ହଜୁରଙ୍କ ଭାଷଣରେ ବିଶେଷ ରୂପେ ସେହି ଲୋକମାନଙ୍କୁ ମଧ୍ୟ ସମ୍ବୋଧନ କରାଯାଇଥିଲା ଯେଉଁମାନେ ଅଣ ମୁସଲିମ୍ ଥିଲେ ଓ ଇସ୍‌ଲାମ୍ ସମ୍ବନ୍ଧରେ ବିଶେଷ କିଛି ଜାଣିନଥିଲେ । ଆପଣଙ୍କ ମସ୍‌ଜିଦ୍ ମଧ୍ୟ ବହୁତ ସୁନ୍ଦର ଅଟେ । ତତ୍ ସହିତ ଆପଣଙ୍କ ଜମାତ୍ ତରଫରୁ ସମସ୍ତ ଅତିଥିମାନଙ୍କୁ ଯେଉଁଭଳି ସମ୍ମାନିତ କରାଗଲା ତାହା ମୋ ମନଭିତରେ ଅତ୍ୟନ୍ତ ଗଭୀର ପ୍ରଭାବ ପକାଇଛି ।

Ms. Queen Samiyah Muel କହିଲେ- ଆପଣଙ୍କ ମସ୍‌ଜିଦ୍ ବହୁତ ସୁନ୍ଦର ଅଟେ ଏବଂ ଆମ ସହରର ମଧ୍ୟସ୍ଥଳରେ ରହି ସହରର ସୌନ୍ଦର୍ଯ୍ୟକୁ ବଢ଼ାଉଅଛି । ମୋର ସମ୍ବନ୍ଧ ସିନିଗାଲ୍‌ର ଗୋଟିଏ ସୁଫି ଅନୁଷ୍ଠାନ ସହିତ ରହିଛି । ତେଣୁ ଯେତେବେଳେ ଆପଣଙ୍କ ଖଲିଫାଙ୍କ ଭାଷଣ ଶୁଣିଲି ସେତେବେଳେ ତାଙ୍କର ପ୍ରତ୍ୟେକ କଥା ମୋ ମନକୁ ପ୍ରଭାବିତ କଲା । ଆପଣଙ୍କ ଜମାତ୍‌ର ଆତିଥ୍ୟ ପରାୟଣତା ମଧ୍ୟ ମୋ ମନରେ ଏକ ଗଭୀର ପ୍ରଭାବ ପକାଇଛି ।

Mr. Ibrahim Branham ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ:- ଆପଣଙ୍କ ଜମାତ୍‌ର ଉନ୍ନତିମୂଳକ କାର୍ଯ୍ୟ ଏବଂ ସରକାରୀ ଉଚ୍ଚ ପଦସ୍ଥ ଅଫିସର୍‌ମାନଙ୍କ ସହିତ ଆପଣଙ୍କର ସୁସମ୍ପର୍କ ଏହା ପ୍ରତିଫଳନ କରୁଛି କି ସେହି ଅଫିସର୍‌ମାନେ ଏଠାରେ ଉପସ୍ଥିତ ଅଛନ୍ତି । ତତ୍ ସହିତ ପ୍ରତ୍ୟେକ ବିଭାଗର ଲୋକମାନଙ୍କୁ ଏଠାରେ ଦେଖି ମନ ଆନନ୍ଦିତ ହୋଇଗଲା । ମୁଁ ଜମାତ୍ ଅହେମଦୀୟାର ଖଲିଫାଙ୍କୁ ପ୍ରଥମଥର ପାଇଁ ନିଜ ଆଖିରେ ଦେଖିବାକୁ ପାଇଲି । ଆପଣଙ୍କର ଖଲିଫାଙ୍କର ବ୍ୟକ୍ତିତ୍ୱ ଅତ୍ୟନ୍ତ ପ୍ରଭାବଶାଳୀ ଅଟେ । ଆପଣଙ୍କର ଅଭିଭାଷଣ ସେ ସମସ୍ତ ବ୍ୟକ୍ତିଙ୍କୁ ଯେଉଁମାନେ ଶାନ୍ତି ଚାହୁଁଛନ୍ତି ନିଶ୍ଚିତ ରୂପେ ନିଜ ଆଡକୁ ଟାଣିନେବ । ଆମ ସହରରେ ଆପଣଙ୍କ ଖଲିଫାଙ୍କ ଆଗମନ ଦ୍ୱାରା ଆମ ସହରର ଇମେଜ୍‌କୁ ପୃଥିବୀ ସମ୍ମୁଖରେ ଉତ୍ତମ ରୂପେ ଉପସ୍ଥାପନ କରିବା ନିମନ୍ତେ ବହୁତ ବଡ ଭୂମିକା ପ୍ରଦାନ କରିବ ।

Ms. Roseanna Newood ସାହିବା ନିଜର ମନୋଭାବକୁ

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ...*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.4 Thursday 07 March 2019 Issue No. 10

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୧୯ ଅକ୍ଟୋବର ୨୦୧୮ (ଶୁକ୍ରବାର) ରିପୋର୍ଟ୍‌ର ବଳକା ଅଂଶ

### ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଉଦ୍‌ଘାଟନୀ ଉତ୍ସବ ଅବସରରେ ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣ ଶୁଣିବା ପରେ ଅତିଥିମାନଙ୍କ ମନୋଭାବ ବ୍ୟକ୍ତ

ଜଣେ ମୁସ୍‌ଲିମ୍ ମହିଳା ହାନିୟା ଏବଂ ତାଙ୍କ ମା ମଧ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି କି ହଜୁର୍ ଅନୁଓ୍ୱର୍‌ଙ୍କ ଦେଖି ବହୁତ ଖୁସି ଲାଗିଲା । ସେହିପରି ଜଣେ ଅନ୍ୟଜଣକ ସହିତ ମିଶିବା ଦ୍ୱାରା ବହୁତ କିଛି ଶିଖିବାକୁ ମିଳିଥାଏ । ମସ୍‌ଜିଦ୍ ନିର୍ମାଣ ହେବା ଏବଂ ବହୁତ ଉତମ ପଦକ୍ଷେପ । ଯେଉଁ ବାର୍ତା ଆପଣ ଦେଇଛନ୍ତି । ତା ମାଧ୍ୟମରେ ଇସ୍‌ଲାମ୍ ବିରୋଧରେ ପ୍ରଚାର କରାଯାଉଥିବା ଭୁଲ୍ ବୁଝାମଣାର ନିଦାନ ହେବ । ବହୁତ ଖୁସି ଲାଗୁଛି ଯେ ମୁସଲ୍‌ମାନମାନଙ୍କର ଗୋଟଏ ନୂଆ ସେଂଟର ତିଆରି ହୋଇଗଲା । ଲୋକମାନଙ୍କ ମଧ୍ୟରେ ଇସ୍‌ଲାମ୍ ବିରୁଦ୍ଧରେ ବିଦ୍ୱେଷ ଭାବ ମିଳିଥାଏ ଯାହା ସମ୍ପୂର୍ଣ୍ଣ ଭାବେ ଭୁଲ୍ ଅଟେ । ହଜୁର୍ ଅନୁଓ୍ୱର୍ ବାର୍ତା ବହୁତ ମଜ୍‌ବୁତ୍ ବାର୍ତ ଥିଲା । ମୁଁ ଆଶ କରୁଛି ଯେ ହଜୁର୍ ଅନୁଓ୍ୱର୍‌ଙ୍କର ଏହି ବାର୍ତା ଅଧିକରୁ ଅଧିକ ବ୍ୟାପୁ ଏବଂ ଆମେରିକାର ଲୋକମାନେ ଇସ୍‌ଲାମ୍‌ର ବାସ୍ତବିକତା ଜାଣନ୍ତୁ । ଆପଣମାନଙ୍କୁ ଧନ୍ୟବାଦ ଜଣାଉଛି । ଏଠାକୁ ଆସି ବହୁତ ଭଲ ଲାଗିଲା ।

ଜଣେ ଲୋକାଲ୍ କାଉନ୍‌ସିଲର୍ ମଧ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି:- ହଜୁର୍ ଅନୁଓ୍ୱର୍‌ଙ୍କ ଏହି ଶାନ୍ତିବାର୍ତା ଅତ୍ୟନ୍ତ ଆବଶ୍ୟକ ଥିଲା । ବିଶେଷ ରୂପେ ବର୍ତମାନ ଯେଉଁ ପରିସ୍ଥିତି ରହିଛି ଏଥିରେ ହଜୁର୍‌ଙ୍କର ବାର୍ତା ଆହୁରି ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇସାରିଛି । । ମୋ ପାଇଁ ଏଠାକୁ ଆସିବା ବହୁତ ସମ୍ମାନର କଥା । ମୁଁ ଏହି ମସ୍‌ଜିଦ୍‌କୁ ନିଜ ସମ୍ମୁଖରେ ନିର୍ମାଣ ହେଉଥିବାର ଦେଖିଅଛି । ଏଠାରେ ଏହି ମସ୍‌ଜିଦ୍‌ର ସ୍ଥାପନ ହେବା ଏ ଇଲାକା ନିମନ୍ତେ ବହୁତ ହିଁ ବର୍‌କତ୍‌ର କାରଣ ହେବ । ହଜୁର୍ ଅନୁଓ୍ୱର୍ ଯେଉଁ ବାର୍ତା ଦେଇଛନ୍ତି କି ଆପଣମାନେ ପଡୋଶୀମାନଙ୍କର ଆବଶ୍ୟକତା ସମୟରେ ସେମାନଙ୍କ କାନ୍ଧରେ କାନ୍ଧ ମିଳାଇ ଛିଡା ହେବ, ମୋ ମତରେ କେବଳ ଏଠି ଫିଲା ଡଲ୍‌ଫିୟାଠାରେ ହିଁ ନୁହେଁ ବରଂ ସମଗ୍ର ଆମେରିକାରେ ଏହି ବାର୍ତାର ଆବଶ୍ୟକତା ରହିଛି । ହଜୁର୍ ଅନୁଓ୍ୱର୍ ଏଠିକାର ବାସିନ୍ଦା ମାନଙ୍କ ନିମନ୍ତେ ଯେଉଁ ଶୁଭକାମନା ମନାଶିଛନ୍ତି ଏବଂ ଆଶାର ପରିପ୍ରକାଶ କରିଛନ୍ତି ମୁଁ ବିଶ୍ୱାସ ରଖିଛି ଯେ ଏହି ସହର ହେଉଛି ଭାଇଚାରାର ସହର ତେଣୁ ସେମାନେ ଏହି ବାର୍ତା ଓ ସେହି ଆଶାକୁ ପୂରଣ କରିବେ ।

ଜଣେ ଗଏର୍ ଅହେମଦୀ ଇମାମ୍ ମଧ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ଥିଲେ । ସେ ନିଜର ମନୋଭବାକୁ ପ୍ରକାଶ କରି କହୁଛନ୍ତି:- ମୋର ଅହେମଦୀ ମାନଙ୍କ ସହିତ ସର୍ବପ୍ରଥମ ସମ୍ପର୍କ ଜମାତ୍ ତରଫରୁ କରାଯାଇଥିବା ପବିତ୍ର କୋରାନ୍‌ର ଅନୁବାଦ ଯୋଗୁ ହୋଇଥିଲା । ସେହି ଅନୁବାଦ ମୋତେ ବହୁତ ଭଲ ଲାଗିଲା । ହଜୁର୍ ଅନୁଓ୍ୱର୍‌ଙ୍କ ବାର୍ତା ଅତ୍ୟନ୍ତ ସୁନ୍ଦର ଥିଲା । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଶତ ପ୍ରତିଶତ ଏକମତ । ଏହା ହିଁ ଆମର ମିଶନ୍ ଆମର ଉଦ୍ଦେଶ୍ୟ ଆମେ ସମସ୍ତେ ହେଉଛେ ଆଦମ୍‌ର ସନ୍ତାନ । ତେଣୁ ଆମେ ଜଣେ ଅନ୍ୟଜଣଙ୍କର ଜୀବନର ସ୍ତରକୁ ବଢ଼ାଇବା ପାଇଁ ଚେଷ୍ଟା ଜାରି ରଖିବା ଉଚିତ୍ । ଆମେ ସମସ୍ତେ ମିଳିମିଶି ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରକୃତ ବାର୍ତାକୁ ପ୍ରଚାର ଓ ପ୍ରସାର କରିବାକୁ ହେବ ।

ଜଣେ ଫିଲିସ୍ତିନ୍ ମୁସଲ୍‌ମାନ୍ ମହିଳା ମଧ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି:- ଏଠାକୁ ନିମନ୍ତ୍ରଣ କରିଥିବା ଯୋଗୁ ବହୁତ ଧନ୍ୟବାଦ । ଏହା ଗୋଟିଏ ଅତି ସୁନ୍ଦର ମସ୍‌ଜିଦ୍ ଅଟେ । ଆଜି ଆପଣମାନଙ୍କ ସହିତ ମିଶି ମୋତେ ବହୁତ ଖୁସି ଲାଗୁଛି । ହଜୁର୍ ଅନୁଓ୍ୱର୍‌ଙ୍କ ବାର୍ତା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା । ମୋ ସମ୍ବନ୍ଧ ଫିଲିସ୍ତିନ୍‌ର ଗୋଟିଏ ଛୋଟିଆ ଗାଁ ସହିତ ରହିଛି । ମୁଁ ପିଲାଦିନେ ଯେଉଁ ପ୍ରକୃତ ଶିକ୍ଷାକୁ ଶିଖିଥିଲି ତାହା ଆଜି ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣରେ ଦେଖିବାକୁ ମିଳିଲା । ଏହା ହିଁ ହେଉଛି ପ୍ରକୃତ ଇସ୍‌ଲାମ୍ ଯାହା ସେ ଚର୍ଚ୍ଚା କଲେ । ଆମେ ଯେକୌଣସି ଫିର୍‌କା ସହିତ ସମ୍ପର୍କ ରଖିଥାଉ ପଛେ ଆମ ସମସ୍ତଙ୍କର ଏ କର୍ତବ୍ୟ ଯେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକ ହୋଇ କାର୍ଯ୍ୟ କରିବା । ହଜୁର୍ ଅନୁଓ୍ୱର୍‌ଙ୍କର ଶାନ୍ତି ନିମନ୍ତେ ରହିଥିବା ସେବାମୂଳକ କାର୍ଯ୍ୟ ଅତ୍ୟନ୍ତ ସୁନ୍ଦର । ପଡୋଶୀମାନଙ୍କର ଧ୍ୟାନ ରଖ । ବିଭିନ୍ନ ଜାତି, ବର୍ଣ୍ଣ, ଧର୍ମ ସହିତ ସମ୍ପର୍କ ରଖିଥିବା ସତ୍ୱେ ଆମେ ସମସ୍ତେ ଏକ ଇଶ୍ୱରଙ୍କୁ ମାନୁଛେ । ତେଣୁ ଆମ ସମସ୍ତଙ୍କୁ ମାନବ ଜାତିର ସେବା କରିବା ପାଇଁ ଏକାଠି ହେବା ଉଚିତ୍, ଏହା ଏକ ଅତ୍ୟନ୍ତ ସୁନ୍ଦର ବାର୍ତା ଥିଲା । ହଜୁର୍ ଅନୁଓ୍ୱର୍ ପ୍ରକୃତ ରୂପେ ସମସ୍ତ ମୁସ୍‌ଲିମ୍ କମ୍ୟୁନିଟିର ପ୍ରତିନିଧିତ୍ୱ କରିଛନ୍ତି ।

ଗୋଟିଏ ସ୍କୁଲର୍ ମହିଳା ଡିରେକ୍ଟର୍ ମଧ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ଥିଲେ । ସେ କହୁଛନ୍ତି କି ମୋ ପାଇଁ ଏଠାକୁ ଆସିବା ଏକ ସମ୍ମାନର କଥା । ମୁଁ ଚାରି ପାଂଚବର୍ଷ ହେବ ଏହି ମସ୍‌ଜିଦ୍‌ର ନିର୍ମାଣକୁ ଅପେକ୍ଷା କରି ରହିଥିଲି । ପରିଶେଷରେ ଏହା ଏକ ସୁନ୍ଦର ମସ୍‌ଜିଦ୍ ରୂପେ ନିର୍ମାଣ ହୋଇଯାଇଛି ।

ଆଉଜଣେ ଅତିଥି କହିଲେ:- ଆମ ସମାଜ ନିମନ୍ତେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏକତା । ଏହା ହିଁ ଆମ ସମସ୍ତଙ୍କୁ ବୁଝାଉଛନ୍ତି ଯେ ଏକ ହୁଅ । ଅଲଗା ଅଲଗା ରହିବାର କ୍ଷତି । ହଜୁର୍ ଅନୁଓ୍ୱର୍‌ଙ୍କର ଉକ୍ତ ବାର୍ତାଟି ସର୍ବଦା ସମ୍ମୁଖରେ ରହିବା ଉଚିତ୍ ଏବଂ ସର୍ବଦା ସେହି ଗୋଟିଏ ବାର୍ତାକୁ ପ୍ରଚାର କରିଚାଲିବା ଉଚିତ୍ । ସବୁଠାରୁ ଜରୁରୀ କଥା ହେଉଛି ଏହା ।

ଆଉଜଣେ ମହିଳା ଟିଚର୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ:- ମୁଁ ଏହା କହିବାକୁ ଚାହୁଁଛି ଯେ ଏଠାକୁ ଆସି ମୋତେ ଏପରି ଲାଗିଲା ଯେପରି ମୁଁ ନିଜର ଘରେ ଅଛି । ହଜୁର୍ ଅନୁଓ୍ୱର୍‌ଙ୍କର ବାର୍ତା ଅର୍ଥାତ୍ ଶାନ୍ତିର ବାର୍ତା ବହୁତ ସୁନ୍ଦର ଥିଲା । ଯଦିଚ ମୁଁ ଜଣେ କ୍ୟାଥୋଲିକ୍ । କିନ୍ତୁ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କର ଗୋଟିଏ ଗୋଟିଏ ଶବ୍ଦ ଉପରେ ସହମତ ହେଉଛି । ମୁଁ ବିଶ୍ୱାସର ସହିତ କହୁଛି ଯେ ଇସ୍‌ଲାମ୍ ଶାନ୍ତିର ବାର୍ତା ଦେଇଥାଏ । ଇସ୍‌ଲାମ୍ ମାନବସେବାର ଶିକ୍ଷା ଦେଇଥାଏ । ମୋର ଜଣେ ଛାତ୍ର ଯାହାଙ୍କ ନାମ ହେଉଛି ମାରିୟା ଇର୍‌ଫାନ୍ ସେ ମୋତେ ନିମନ୍ତ୍ରଣ ଦେଇଛନ୍ତି, ମୁଁ ତାକୁ ଧନ୍ୟବାଦ ଦେବାକୁ ଚାହୁଁଛି ଯେ ମୋତେ ଏତେ ସୁନ୍ଦର ପ୍ରୋଗ୍ରାମ୍‌କୁ ସେ ଡାକିଛନ୍ତି । ଆମକୁ ମିଳିମିଶି ସମାଜର ହିତ ସାଧନ ନିମନ୍ତେ କାର୍ଯ୍ୟ କରିବାକୁ ହେବ । ପଡୋଶୀମାନଙ୍କ ସମ୍ବନ୍ଧରେ ହଜୁର୍ ଅନୁଓ୍ୱର୍‌ଙ୍କ ବାର୍ତା ବହୁତ ହିଁ ଆବଶ୍ୟକ ରହିଛି । ବେଳେବେଳେ ଏହା କୁହାଯାଇଥାଏ ଯେ ଏକଥା ତ ଜଣା ଅଛି କିନ୍ତୁ ଆବଶ୍ୟକ ହୋଇଥାଏ ଯେ କେହି ନା କେହି ଜଣେ ଧ୍ୟାନ ଆକର୍ଷଣ କରାଉ ଓ ଯେତେବେଳେ ଏତେବଡ ମହାନ୍ ବ୍ୟକ୍ତି ଧ୍ୟାନ ଆକର୍ଷଣ କରାଉଛନ୍ତି ସେତେବେଳେ ଏକ ନୂତନ ଆତ୍ମା ସୃଷ୍ଟି ହୋଇଯାଇଥାଏ । ମୁଁ ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ ଅର୍ପଣ କରୁଛି ।

ଜଣେ ଆର୍କିଟେକ୍ଟ ରିଚାର୍ଡ୍ ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ମୋତେ ନିମନ୍ତ୍ରଣ ଦେଇଥିବାରୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି । ହଜୁର୍ ଶାନ୍ତିର ଯେଉଁ ବାର୍ତା ଦେଇଛନ୍ତି ତାହା ଅତି ସୁନ୍ଦର ବାର୍ତା । ଆଜିକାଲିର ଯେଉଁ ପରିସ୍ଥିତି ରହିଛି ସେଥିପାଇଁ ସେହି ବାର୍ତାର ଗୁରୁତ୍ୱ ଆହୁରି ମଧ୍ୟ ଅଧିକା ବଢ଼ିଯାଇଛି । ମୋ ପାଇଁ ଏ ବାର୍ତା ଆହୁରି ମଧ୍ୟ ଅଧିକା ଗୁରୁତ୍ୱପୂର୍ଣ୍ଣ କାରଣ ମୋ ସମ୍ବନ୍ଧ ଫିଲା ଡେଲ୍‌ଫିୟା ସହିତ ରହିଛି । ଏହା ଦେଖି ବହୁତ ଖୁସି ଲାଗିଲା ଯେ ପରିଶେଷରେ ଏହି ସ୍ଥାନଟି ଲୋକମାନଙ୍କ ଦ୍ୱାରା ପୂରଣ ହୋଇଗଲା । ମୁଁ ଆରମ୍ଭରୁ ଏହି ଅଟ୍ଟାଳିକା ସହିତ ଯୋଡି ହୋଇ ରହିଛି । ଏହି ଅଟ୍ଟାଳିକାଟି ମୋ ସମ୍ମୁଖରେ ହିଁ ନିର୍ମାଣ ହୋଇଛି । ବର୍ତମାନ ଏହା କାଗଜପତ୍ରରୁ ବାହାରି ବାସ୍ତବିକ ରୂପ ଧାରଣ କରିସାରିଛି । ସେଥିଯୋଗୁ ବହୁତ ଖୁସି ଲାଗୁଛି । ପ୍ରତ୍ୟେକ ଆର୍କିଟେକ୍ଟଙ୍କ ପାଇଁ ଶେଷ ପ୍ରଡକ୍ଟକୁ ଦେଖିବା ନିମନ୍ତେ ବହୁତ ଅଭିଳାଶା ରହିଥାଏ । ସେ ଘର ହେଉ, କୌଣସି ମ୍ୟୁଜିୟମ୍ ହେଉ ବା କୌଣସି ଉପାସନା ଗୃହ ହେଉ ଆଜି ମୋତେ ଏହି ଅଟ୍ଟାଳିକାଟିକୁ ଦେଖି ବହୁତ ଖୁସି ଲାଗୁଛି । ଏହା ମୋ ପାଇଁ ଏକ ବହୁତ ବଡ ସୁନ୍ଦର ପୁରସ୍କାର । ବର୍ତମାନ ଏହା ଡିଜାଇନ୍‌ର ଫେଜ୍‌ରୁ ବାହାରି ବାସ୍ତବିକ ରୂପ ଧାରଣ କରିସାରିଛି ଏବଂ ବର୍ତମାନ ଏହା ସମାଜରେ ଗୋଟିଏ ପଜେଟିଭ୍ ରୋଲ୍ ପ୍ରଦାନ କରିଚାଲିବ । ମୋତେ ବହୁତ ଖୁସି ଲାଗୁଛି ଯେ ମୁଁ ଏହା ମହାନ୍ ଅଟ୍ଟାଳିକାଟିର ନିର୍ମାଣ କାର୍ଯ୍ୟରେ ଭାଗିଦାରୀ ରହିଛି ।

ଜଣେ ପ୍ରଫେସର୍ ଯିଏ ନିଜ ୟୁନିଭର୍‌ସିଟିର ସଭାପତିଙ୍କ ପ୍ରତିନିଧିତ୍ୱ କରୁଥିଲେ ସେ ନିଜର ମନୋଭାବକୁ ପ୍ରକାଶ କରି କହୁଛନ୍ତି ଯେ:- ମୋ ପାଇଁ ଏହା ବହୁତ ହିଁ ସୁନ୍ଦର ଅବସର ଥିଲା । ମୁଁ ଏ କଥାକୁ ନୋଟ୍ କରିଛି ଯେ ଯେଉଁକ୍ଷଣି ହଜୁର୍ ହଲ୍ ଭିତରେ ପଦାର୍ପଣ କଲେ ଏ ସଭା ମଧ୍ୟରେ ଏକ ଅଜବ ପ୍ରକାରର ସ୍ଥିରତା ଦେଖିବାକୁ ମିଳିଲା । ମୁଁ ହଜୁର୍‌ଙ୍କର ଅତି ନିକଟରେ ବସିଥିଲି । ହଜୁର୍‌ଙ୍କର ଭାଇ ଯିଏ ଏଠାରେ ଅମୀର୍ ଅଛନ୍ତି ତାଙ୍କ ନିକଟରେ ମଧ୍ୟ ଥିଲି । ଏହି ନିକଟତା ଏପରି ଥିଲା ଯେପରି ମୁଁ ବୈକୁଣ୍ଠରେ ଅଛି । ତାଙ୍କ ନିକଟତାରେ ଅତ୍ୟନ୍ତ ବୈଭବ ଓ ଦୃଢ଼ତା ଥିଲା । ହଜୁର୍‌ଙ୍କ କହିବାର ଶୈଳୀ ଏପରି ମନମୁଗ୍ଧକାରୀ ଥିଲା ଯେ ପ୍ରତ୍ୟେକ ଶବ୍ଦ ଆତ୍ମା ଭିତରେ ଭେଦିଗଲା ଭଳି ଜଣାପଡୁଥିଲା । ମୁଁ ହଜୁର୍‌ଙ୍କ ସହିତ ସଂକ୍ଷିପ୍ତରେ କଥା ହେବାପାଇଁ ମୋତେ ଅବସର ମିଳିଲା । ମୁଁ ହଜୁର୍‌ଙ୍କୁ ବତାଇଲି ଯେ ମୁଁ କବାବିର୍ ମଧ୍ୟ ଯାଇଛି ଏବଂ ସେଠାରେ ମଧ୍ୟ ହେଁଫାଠାରେ ଜମାତ୍‌ର ମସ୍‌ଜିଦ୍‌କୁ ଦେଖିଛି ଓ ଅହେମଦିୟା ଜମାତ୍ ସହିତ ମିଶିଛି । ଏହା ମୋ ପାଇଁ ବହୁତ ସୁନ୍ଦର ଅନୁଭବ ଥିଲା । ମୁଁ ଜର୍ମାନୀ ଲିଟ୍‌ରେଚର୍ ପ୍ରଫେସର୍ ଅଟେ । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ଠାରୁ ଏ ଆଶା ପୋଷଣ କଲି କି ମୁଁ ହଜୁର୍‌ଙ୍କ ଆସନ୍ତା ଜର୍ମାନୀ ଜଲ୍‌ସାରେ ମଧ୍ୟ ସାମିଲ୍ ହେବାକୁ ଚାହୁଁଅଛି । ଏଥିରେ ମୋତେ ବହୁତ

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan